■ ୫ ବ୍ଲକରେ ୬୧ ଲକ୍ଷ ଟଙ୍କାର ମଧ୍ୟାହ୍ନଭୋଜନ ଚାଉଳ ଗାଏବ ଘଟଣା

# ପରିବହନ ସଂସ୍ଥାର ଭୂମିକାକୁ ନେଇ ସନ୍ଦେହ

■ରାଜନେତା ନେଇଥିଲେ ଚାଉଳ ପହଞ୍ଚାଇବା ଦାୟିତ୍ୱ
■ହରଡ଼ଘଣାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ
■ଜିଲା ଶିକ୍ଷା ଅଧିକାରୀ ମୁହଁ ଖୋଲିବାକୁ ନାରାଜ

ଜଗତ୍‌ସିଂହପୁର ଅଫିସ,୩।୭

ଜଗତ୍‌ସିଂହପୁର ଜିଲାରେ ମଧ୍ୟାହ୍ନଭୋଜନ ଚାଉଳ କେଲେଙ୍କାରୀକୁ ନେଇ ଏବେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲାର ୫ ବ୍ଲକ ବାଲିକୁଦା, ବିରିଡ଼ି, ଜଗତ୍‌ସିଂହପୁର, ନାଉଗାଁ ଓ ରଘୁନାଥପୁରର ଶତାଧିକ ବିଦ୍ୟାଳୟରେ ପ୍ରାୟ ୬୧ ଲକ୍ଷ ଟଙ୍କାର ମଧ୍ୟାହ୍ନଭୋଜନ ଚାଉଳ ହଡ଼ପ କରାଯାଇଥିବା ସ୍ୱତନ୍ତ୍ର ଅଡିଟ୍ ରିପୋର୍ଟରୁ ଜଣାପଡିଛି। ବିନା ତଥ୍ୟପ୍ରମାଣରେ ବିଦ୍ୟାଳୟଗୁଡିକ ନେଇଥିବା ଏହି ଚାଉଳର ମୂଲ୍ୟ ତୁରନ୍ତ ମଧ୍ୟାହ୍ନଭୋଜନ ଆକାଉଣ୍ଟରେ ଜମା କରିବାକୁ ବ୍ଲକ ଶିକ୍ଷା ଅଧିକାରୀମାନଙ୍କୁ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ପ୍ରତିଭା ମଞ୍ଜରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି। ତେବେ ବର୍ଷାଧିକ କାଳ ହେବ କିପରି ଏତେ ଟଙ୍କାର ଚାଉଳ ହଡ଼ପ ଚାଲିଥିଲା ସେ ସମ୍ପର୍କରେ ଡିଇଓ ମୁହଁ ଖୋଲିନାହାନ୍ତି। ଏ ସମ୍ପର୍କରେ କେତେଜଣ ପ୍ରଧାନଶିକ୍ଷକ କହିଛନ୍ତି ଯେ, ପରିବହନ ଏଜେନ୍ସି ଯାହା ଚାଉଳ ଦେଇଛି ସେ ସବୁର କାଗଜପତ୍ର ବିଦ୍ୟାଳୟରେ ଅଛି। ଅନ୍ୟପକ୍ଷରେ ପରିବହନ ଏଜେନ୍ସିର ଜଣେ କର୍ମଚାରୀ କହିଛନ୍ତି ଅଡିଟ୍ ସମୟରେ ସଂସ୍ଥା ସମସ୍ତ କାଗଜପତ୍ର ଦାଖଲ କରିପାରି ନ ଥିଲା। ଏହା ପଛରେ ଅନେକ କାରଣ ରହିଛି। ସଂସ୍ଥା ପରିବହନ ଦାୟିତ୍ୱ ନେଇଥିଲେ ସୁଦ୍ଧା ବାସ୍ତବରେ କେତେଜଣ ରାଜନେତା ଏହି କାମ କରୁଥିଲେ। ବିଶେଷକରି ବିରିଡ଼ି ବ୍ଲକ ଦାୟିତ୍ୱ ନେଇଥିବା ନେତା ଉପଯୁକ୍ତ ସମୟରେ କାଗଜପତ୍ର ଦାଖଲ କରିପାରି ନ ଥିବାରୁ ଅଡୁଆ ହୋଇଥିଲା। ତେଣୁ ସଂସ୍ଥା ଅଡିଟ୍ ସମୟରେ କାଗଜପତ୍ର ଦାଖଲ କରିପାରି ନ ଥିଲା। ତେବେ ଏହି ରାଜନେତାମାନେ କିଏ ତାହାକୁ ନେଇ ସାଧାରଣରେ ଉତ୍କଣ୍ଠା ପ୍ରକାଶ ପାଇଛି।

ଡିଇଓ ଦାସ ୫ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଦେଇଥିବା ଚିଠିରେ ଦର୍ଶାଇଛନ୍ତି ଯେ, ମଧ୍ୟାହ୍ନଭୋଜନ ଯୋଜନାରେ ୧।୪।୧୫ରୁ ୩୧।୧୦।୧୭ ପର୍ଯ୍ୟନ୍ତ ଚାଉଳ ଗଚ୍ଛିତ ଆକାଉଣ୍ଟ ଉପରେ ସ୍ୱତନ୍ତ୍ର ଅଡିଟ୍ ହୋଇଥିଲା। ସେତେବେଳେ କେତେକ ବିଦ୍ୟାଳୟ କର୍ତ୍ତୃପକ୍ଷ ବିନା ସ୍ୱୀକୃତିରେ ତଥା ଅନିୟମିତ ଭାବେ ଚାଉଳ ଗ୍ରହଣ କରିଥିବା ଜଣାଯାଇଛି। ଏହାର ଉପଯୁକ୍ତ ତଥ୍ୟ ପ୍ରମାଣ ଦେବାରେ ବିଦ୍ୟାଳୟଗୁଡିକ ବିଫଳ ହୋଇଛନ୍ତି। ତେଣୁ ଏହି ବିଦ୍ୟାଳୟଗୁଡିକ ଗଚ୍ଛିତ ଆକାଉଣ୍ଟରୁ ବକେୟା ହିସାବରେ ନେଇଥିବା ଚାଉଳର ମୂଲ୍ୟ ଫେରାଇବାକୁ ପଡିବ। ଚାଉଳର ମୂଲ୍ୟ କିଲୋପ୍ରତି ୨୮.୩୬ ଟଙ୍କା ଦରରେ ମୋଟ ୬୦,୯୩,୩୭୩ ଟଙ୍କା ସେମାନେ ଜମା କରିବେ। ଏ ସମ୍ପର୍କରେ କୁଣ୍ଡେଶ୍ୱର ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭୟ ଚରଣ ସ୍ୱାଇଁ କହିଛନ୍ତି ଯେ, ତାଙ୍କ ବିଦ୍ୟାଳୟ ୬୨ କୁଇଣ୍ଟାଲ ଚାଉଳର ଦାମ ଜମା କରିବାକୁ ପଡିବ ବୋଲି ଶୁଣୁଛନ୍ତି। କିନ୍ତୁ ଏ ସମ୍ପର୍କରେ କୌଣସି ଚିଠି ତାଙ୍କ ହସ୍ତଗତ ହୋଇନାହିଁ। ସେତେବେଳେ କିନ୍ତୁ ସେ ପ୍ରଧାନ ଶିକ୍ଷକ ନ ଥିଲେ। ଯେଉଁ ପରିମାଣର ବଳକା ଚାଉଳ ଦର୍ଶାଯାଇଛି ବାସ୍ତବରେ ଛାତ୍ରୀଛାତ୍ର ସଂଖ୍ୟା ତୁଳନାରେ ଯଥେଷ୍ଟ ଅଧିକ ଭଳି ଲାଗୁଛି। ତଥାପି ସେ ଅନୁଧାନ ପରେ ଏହା ଉପରେ କିଛି କହିପାରିବେ। ସେତେବେଳେ ପରିବହନ ସଂସ୍ଥା ଠିକ ସମୟରେ ଚାଉଳ ପହଞ୍ଚାଇ ନ ପାରିଲେ ବିଦ୍ୟାଳୟ ପକ୍ଷରୁ ଅଙ୍ଗନୱାଡି କେନ୍ଦ୍ର ହେଉ କି ଅନ୍ୟ ସ୍ଥାନରୁ ଚାଉଳ ଅଣାଯାଇଥାଏ। ଯେହେତୁ ମଧ୍ୟାହ୍ନଭୋଜନ ବନ୍ଦ ହେବ ନାହିଁ ତେଣୁ ଏଭଳି କରିବାକୁ ପଡେ। ହେଲେ ପରବର୍ତ୍ତୀ ସମୟରେ ଚାଉଳ ପହଞ୍ଚିଗଲେ ଫେରସ୍ତ ଦିଆଯାଉଥିଲା। କାଗଜପତ୍ର କିଛି ଭୁଲ ହେବା କଥା ନୁହେଁ। କଣ ହୋଇଛି ତାହା ଜଣାପଡୁନାହିଁ ବୋଲି ସେ କହିଛନ୍ତି। ଅଙ୍ଗେଶ୍ୱରପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗିରିଧାରୀ ପୁହାଣ ଏ ସମ୍ପର୍କରେ ତାଙ୍କ ପାଖରେ କୌଣସି ସୂଚନା ନ ଥିବା କହିଛନ୍ତି। ଗଜରାଜପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବ ପ୍ରସାଦ ବେହେରା ମଧ କାରଣ ବିଷୟରେ କିଛି ଜାଣିପାରୁ ନ ଥିବା କହି ଅସହାୟତା ପ୍ରକାଶ କରିଛନ୍ତି। ବାଲିମାଝିପଡ଼ା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାରତ ଚନ୍ଦ୍ର ଜେନାଙ୍କ କହିବା କଥା ହେଲା ୩୮ କୁଇଣ୍ଟାଲ ବଳକା ଚାଉଳର ମୂଲ୍ୟ ଫେରସ୍ତ କରିବାକୁ ପଡିବ ବୋଲି ଶୁଣୁଛନ୍ତି। କିନ୍ତୁ ସେତେବେଳେ ସେ ପ୍ରଧାନ ଶିକ୍ଷକ ନ ଥିଲେ। ଏହି ବିଦ୍ୟାଳୟରେ ସେ ସହକାରୀ ଶିକ୍ଷକ ଥିଲେ। ଅଡିଟରେ କିଛି ତ୍ରୁଟି ଦେଖିବାରୁ ତାଙ୍କୁ ଅନୁଧାନ ପାଇଁ କୁହାଯାଇଥିଲା। ତତ୍କାଳୀନ ପ୍ରଧାନ ଶିକ୍ଷକ ହାତରେ କିଛି ଲେଖିଥିବାରୁ ଖୋଳତାଡ ହୋଇଥିଲା। ପରେ କଣ ହୋଇଛି କିଛି ଜାଣିନାହାନ୍ତି ବୋଲି କହିଛନ୍ତି। ତାଙ୍କ ପାଖରେ ଚିଠି ପହଞ୍ଚିଲେ କଣ ହୋଇଛି ଦେଖି ଉତ୍ତର ରଖିବେ ବୋଲି ମତ ଦେଇଛନ୍ତି।

■ ଟ୍ରାକ୍ଟର ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

# ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା

ଜଗତ୍‌ସିଂହପୁର ଅଫିସ, ୩।୭

ଜଗତ୍‌ସିଂହପୁର-ଆଳିପିଙ୍ଗଳ ରାସ୍ତାର ଅତାମଳା ନିକଟରେ ମଙ୍ଗଳବାର ଏକ ବାଲି ବୋଝେଇ ଟ୍ରାକ୍ଟର ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ମୃତକ ହେଲେ ଅତାମଳାର ନୃସିଂହ ସେଠୀ(୫୪)। ସେ ଗାଲୁପଡ଼ାରେ ଏକ ଲଣ୍ଡ୍ରି କରି ପରିବାର ଭରଣ ପୋଷଣ କରୁଥିଲେ। ତାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ଅତାମଳା ଓ ଗାଲୁପଡ଼ା ଛକରେ ରାସ୍ତାରୋକୋ କରିଥିଲେ। ଆନ୍ଦୋଳନସ୍ଥଳରେ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରିତ ହୋଇଥିଲା। ତେବେ ବୁଧବାର ଲୋକେ ମୃତ ସେଠୀଙ୍କ ସ୍ତ୍ରୀଙ୍କୁ ଥଇଥାନ ଓ ଆର୍ଥିକ ସହାୟତା ପ୍ରଦାନ ଦାବି କରି ପ୍ରଥମେ ଜଗତ୍‌ସିଂହପୁର ଥାନାରେ ଧାରଣା ଦେଇଥିଲେ। ଏହି ଦାବି ପୂରଣ କରିବା ପୋଲିସ ପକ୍ଷରେ ସମ୍ଭବ ନୁହେଁ ବୋଲି କୁହାଯିବାରୁ ଲୋକେ ଶେଷରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା ଦେଇଥିଲେ। ଲୋକଙ୍କ ଦାବିକୁ ଗୁରୁତ୍ୱ ଦେଇ ଜିଲା ପ୍ରଶାସନ ରେଡକ୍ରସ୍‌ରୁ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛି। ଏଥିସହ ମୃତକଙ୍କ ସ୍ତ୍ରୀଙ୍କୁ ଥଇଥାନ ପାଇଁ ଉଦ୍ୟମ କରାଯିବ ବୋଲି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

THE ADITYA BIRLA PUBLIC SCHOOL, BHUBANESWAR
ADITYA BIRLA GROUP
ABPS
Near OEC (Sundarpada-Jatni Road)
CBSE Affiliation No.:1530269
Warm Greetings to The People of Odisha on the Occasion of Rath-Yatra!

The Aditya Birla Public School, Bhubaneswar is an English Medium, co-educational school, sprawling over 25 acres of picturesque estate situated in NIjigarh Kurki, Pipili, Puri. It is from LKG to Class-IX. One class will be added every year to take it up to class XII. The school has been designed to be of International calibre.
ADMISSIONS OPEN
For Classes LKG to IX for Session 2019-20.
For admission enquiry contact Principal Email: abpsbhubaneswar@gmail.com
Phone: 8280716884, 7978492354, 7978400378, 8895765154, 9723555853
Visiting Hours: 8:00 AM to 4:00 PM.Website :www.abpsbhubaneswar.com

ବ୍ରତୋପନୟନ ଶୁଭେଚ୍ଛା

ଅବିନାଶ ଆଚାର୍ଯ୍ୟ(ସାନୁ)
ଆଜି ତୋର ବ୍ରତୋପନୟନ ଉପଲକ୍ଷେ ଏବଂ (ପବିତ୍ର ରଥଯାତ୍ରା ଉପଲକ୍ଷେ) ଅଭିନନ୍ଦନ ଓ ଶୁଭେଚ୍ଛା। ତୋର ଚଲାପଥ କୁସୁମିତ ତଥା ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ, ଏତିକି ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭର ବିନମ୍ର ପ୍ରାର୍ଥନା।
ଶୁଭେଚ୍ଛା ସହ
ଶ୍ରୀରାମଚନ୍ଦ୍ର ମିଶ୍ର (ଅଜା), ଶ୍ରୀମତୀ ଶାନ୍ତିମଣି ମିଶ୍ର (ଆଈ), ବାପା, ମା, ବନ୍ଧୁ ଓ ପରିବାରବର୍ଗ।
ସମେଇ ଗାଡ଼ିଆ, ଭୁବନେଶ୍ୱର।
ଧ-୧୩୨୩୬

55th Birthday Wish

HAPPY BIRTHDAY MAMA
(Namita Pattanaik)
Bank Colony,Brahmeswar
Patna
"MAY GOD GIVE YOU EVERYTHING"
From:
GUDU
D-13234

୪ର୍ଥ ଜନ୍ମଦିନ ଶୁଭେଚ୍ଛା

ପ୍ରତୀକ୍ଷା ପାତ୍ର
ସାଇବାବାଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।
ଶୁଭେଚ୍ଛାସହ:
ବାବା, ମାମା, ଜେଜେବାପା, ଜେଜେ ମା' ଓ ପରିବାରବର୍ଗ।
ଧ-୫୩୬୪୪

୬୯ତମ ଜନ୍ମବାର୍ଷିକ ଶୁଭେଚ୍ଛା

ମହନ୍ତ ଶ୍ରୀ ଗୋପୀନାଥ ଦାସ ମହାରାଜ
ନରୋତ୍ତମ ଆଶ୍ରମ, ଦାମୋଦର ରୋଡ, ପୁରୀ
ପ୍ରଭୁ ଜଗନ୍ନାଥଙ୍କ କରୁଣାରୁ ଆପଣଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରୁଛୁ।
ଶୁଭେଚ୍ଛା ସହ:
ଆପଣଙ୍କର ଲଡୁ ଗୋପାଳ ଦାସ,ଲତିକା ସେନ, ଅକ୍ଷୟ କୁମାର, ଗୋବିନ୍ଦ ଚନ୍ଦ୍ର, ସୁଦାମ, ସମୀର, ଗଣେଶ, କାଲୁ ଓ ଶିଷ୍ୟବୃନ୍ଦ।
ଧ-୩୪୯୦୦

ଗୁଗୁଲ'ର ଜନ୍ମବାର୍ଷିକ ଶୁଭେଚ୍ଛା

ଶୁଭଶ୍ରୀ ପୃଷ୍ଟି
କାକଟପୁର, ପୁରୀ
ପ୍ରଭୁ ଶ୍ରୀ ସାକ୍ଷୀଗୋପାଳ, ମା' ଶ୍ରୀରାଧାରାଣୀ ତୋ ଚଲାପଥ ଉଜ୍ଜ୍ୱଳମୟ କରନ୍ତୁ।
ଶୁଭେଚ୍ଛା ସହ:
ଅଜା, ଆଇ, ବୁବୁଲ, ଡିଡୁଲ ଓ ସାଙ୍ଗସାଥୀ।
ଧ-୩୪୮୯୯

ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା

ଶିବାଂଶୀ (ସିଦ୍ଧି)
ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ଘର ନଂ: ଏଲଆଇଜି-୫୬୫
ଜନ୍ମ ତା. ୨୫।୦୬।୨୦୧୭
ଆଜି ତୋର ଦ୍ୱିତୀୟ ଜନ୍ମଦିନ ଅବସରରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଲାପଥ କୁସୁମିତ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତ ଉଜ୍ଜ୍ୱଳମୟ, ମଙ୍ଗଳମୟ, ଦୀର୍ଘାୟୁ ଓ ଯଶସ୍ୱୀ କରାନ୍ତୁ, ଏତିକି କାମନା।
ଶୁଭେଚ୍ଛାସହ: ଜେଜେବାପା: ଶଙ୍କର, ଜେଜେମା: ମନପ୍ରିୟା, ବାପା: ସୌମ୍ୟ, ମା: ସ୍ୱର୍ଣ୍ଣମୟୀ, ବଡ଼ବାପା: ତ୍ରୈଲୋକ୍ୟ, ବଡ଼ମା: ରଞ୍ଜିତା, ବଡ଼ବାପା: ସ୍ମୃତି, ମଢ଼ମା: ଲୋପାମୁଦ୍ରା, ଅପା: ରିଦ୍ଧି ଓ ବନ୍ଧୁ ପ୍ରିୟଜନବର୍ଗ।
ଧ-୧୩୧୨୩

■ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

# ସନ୍ଦେହରେ ପୋଲିସର ଭୂମିକା

ନାଉଗାଁ,୩।୭(ସ୍ୱ.ପ୍ର.)

ନାଉଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ସକାଳେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନାଉଗାଁ ଥାନା ଅଧୀନ ନୂଆଗାଁର ବନ୍ଦନ ମହାନ୍ତି। ଆକ୍ରମଣରେ ଗୁରୁତର ଆହତ ହୋଇ ସେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତେବେ ଏହି ଘଟଣାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ପାରିବାରିକ କଳହରୁ ଗ୍ରାମର ଏକ ପରିବାରର ଆକ୍ରମଣରେ ତାଙ୍କର ଏଭଳି ଅବସ୍ଥା ହୋଇଥିବା ପୋଲିସ କହୁଥିବାବେଳେ ସ୍ଥାନୀୟ ଲୋକେ ପୋଲିସର ଭୂମିକାକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି। ନାଉଗାଁ ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ବର କର କହିଛନ୍ତି ଯେ, ବନ୍ଦନଙ୍କ ସହିତ ସେହି ଗ୍ରାମରେ ଦୋକାନ କରିଥିବା ଅଭିଳାଷ ନାୟକଙ୍କ ପରିବାର ସହ ପୂର୍ବରୁ ବିବାଦ ରହିଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ସେ ଅଭିଳାଷଙ୍କ ଘରକୁ ଯାଇ ଦୋକାନରୁ ସିଗାରେଟ୍ ଦେବାକୁ କହିଥିଲେ। କିନ୍ତୁ ଏତେ ରାତିରେ ସିଗାରେଟ୍ ଦେବାକୁ ଅଭିଳାଷ ମନା କରିବାରୁ ବନ୍ଦନ ହାତରେ ଧରିଥିବା ଏକ ଲୁହା ରଡରେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଅଭିଳାଷ ଚିତ୍କାର କରିଥିଲେ। ତାଙ୍କ ପାଟି ଶୁଣି ପରିବାର ଲୋକେ ଆସି ବନ୍ଦନଙ୍କୁ କାବୁ କରିବା ସହ ଲୁହା ରଡ୍ ଛଡ଼ାଇ ସେଥିରେ ଆକ୍ରମଣ କରିଥିଲେ। ଏଥିରେ ବନ୍ଦନ ଗୁରୁତର ଆହତ ହୋଇଥିଲେ। ପରେ ଅଭିଳାଷଙ୍କ ପରିବାର ପକ୍ଷରୁ ଥାନାକୁ ଖବର ଦିଆଯାଇଥିଲା। ପୋଲିସ ବନ୍ଦନଙ୍କୁ ଉଦ୍ଧାର କରି ନାଉଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ଅଭିଳାଷଙ୍କୁ ଥାନାକୁ ଆଣି ପଚରାଉଚରା କରୁଥିବା ଥାନା ଅଧିକାରୀ କହିଛନ୍ତି। ବନ୍ଦନଙ୍କ ଭାଇ ପୁନେରେ ରହୁଥିବାବେଳେ ମା'ବାପା ଏକ ବିବାହ କାର୍ଯ୍ୟକ୍ରମରେ ବରଗଡ଼ ଯାଇଥିଲେ। ପୋଲିସ ସେମାନଙ୍କୁ ଫୋନ୍ ଯୋଗେ ଜଣାଇଥିଲା। ପରିବାର ଲୋକେ ପହଞ୍ଚି ନ ଥିବାରୁ ରିପୋର୍ଟ ଲେଖାଯିବା ସୁଦ୍ଧା ମୃତଦେହ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି। ପୋଲିସ ସୂଚନା ଅନୁଯାୟୀ, ବନ୍ଦନଙ୍କ ନାମରେ ପୂର୍ବରୁ ଥାନାରେ ଅନେକ ମାମଲା ରହିଛି। କେସ ନଂ.୬୩/୧୪, ୩୨୪/୧୪, ୧୪୧/୧୮, ୨୩୪/୧୮, ୨୪/୧୯ ରେ ବିଭିନ୍ନ ଆପରାଧିକ କାର୍ଯ୍ୟରେ ସେ ସମ୍ପୃକ୍ତ ଥିବା ଅଭିଯୋଗ ରହିଛି। ଅନ୍ୟପକ୍ଷରେ ଗଣ୍ଡଗୋଳ ପରେ ପୋଲିସ ବନ୍ଦନଙ୍କୁ ଥାନାକୁ ନେଇ ପଚରାଉଚରା କରିବା ସହ ମାଡ଼ମାରି ଗୁରୁତର ଅବସ୍ଥାରେ ଥାନାରେ ଭର୍ତ୍ତି କରିଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ନିଜ ମୁଣ୍ଡରୁ ଦୋଷ ଖସାଇବାକୁଯାଇ ପୋଲିସ ଅଭିଳାଷଙ୍କୁ ଥାନାକୁ ଉଠାଇ ଆଣି ତାଙ୍କ ମୁଣ୍ଡରେ ଦୋଷ ଲଦିବାକୁ ଉଦ୍ୟମ ଚଳାଇଥିବା ଚର୍ଚ୍ଚା ହେଉଛି। ଏଡିଏମ୍ ପ୍ରକାଶ ପାଲ ନାଉଗାଁ ଥାନାରେ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି।

ଯାଜପୁର ଜିଲ୍ଲାର ସମସ୍ତ ମା' ମାଉସୀ ଭାଇଭଉଣୀମାନଙ୍କୁ ପବିତ୍ର ରଥଯାତ୍ରା ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଦୁର୍ଗତୀନାଶିନୀ ମହିଳା ସ୍ୱୟଂସହାୟକ ଗୋଷ୍ଠୀ
ତେଲିବାହାଳୀ, ମଙ୍ଗଳପୁର, ଦାନଗଦି

ଗୀତାଞ୍ଜଳି ମହାନ୍ତି
ସମ୍ପାଦକ


ଅବନ୍ତୀ ସାମଲ
ସଭାପତି

ପବିତ୍ର ରଥଯାତ୍ରା ଉପଲକ୍ଷେ ବରୀ ଅଞ୍ଚଳର ସର୍ବପୁରାତନ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ ପକ୍ଷରୁ ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଅଭିଭାବକମାନଙ୍କର ଶୁଭକାମନା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରି ଜଣାଉଛି।
ମହାବିଦ୍ୟାଳୟର ଉତ୍ତରୋତ୍ତର କାମନା କରିବା ସହିତ ୨୦୧୯-୨୦ ଶିକ୍ଷାବର୍ଷରେ ସଫଳତାର ଶୀର୍ଷରେ ପହଞ୍ଚୁ।
ଜୟ ଜଗନ୍ନାଥ ଜୟ ଜଗନ୍ନାଥ ଜୟ ଜଗନ୍ନାଥ

ସୁନନ୍ଦା ଦାସ
ବିଧାୟିକା
ବରୀ

ମୀନକେତନ ସାମଲ
ଅଧ୍ୟକ୍ଷ, ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ
ବରୀ, ରାମଚନ୍ଦ୍ରପୁର

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
ରଦ୍ଦୀକରଣ
ଟେଣ୍ଡର ବିଜ୍ଞପ୍ତି ନଂ.: ୪୧ - ଏସ୍‌ଏନ୍‌ଟି - ପିଆରଓଜେ - ଟେଣ୍ଡର-୨୦୧୯, ତାରିଖ: ୨୮।୦୬।୨୦୧୯
ଟେଣ୍ଡର ସମାପ୍ତି ତାରିଖ: ତା୧୦।୦୭।୨୦୧୯ରିଖ ୧୫.୧୫ ଘଟିକା ପର୍ଯ୍ୟନ୍ତ।
ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିକୁ ପ୍ରଶାସନିକ କାରଣବଶତଃ ବାତିଲ କରାଯାଇଛି। ରଦ୍ଦୀକରଣ ବିଜ୍ଞପ୍ତି ଆମ ୱେବ୍‌ସାଇଟ୍ https://www.ireps.gov.inରେ ଅପ୍‌ଲୋଡ୍ କରିଦିଆଯାଇଛି।
ଡେପୁଟି ଚିଫ୍ ଏସ୍ ଆଣ୍ଡ ଟି ଇଞ୍ଜିନିୟର/ପ୍ରୋଜେକ୍ଟ
CPR/10/159 ଏସ୍.ଇ.ସି. ରେଳପଥ, ଭିଲାଇ
ସ୍ୱଚ୍ଛ ଭାରତ ଅଭିଯାନ

## ବନମହୋତ୍ସବ ପାଳିତ

ତିର୍ତ୍ତୋଲ,୩।୭ (ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ପରୁଣା-ପୋଷଲ ଉଚ୍ଚବିଦ୍ୟାଳୟ ପରିସରରେ ବୁଧବାର ୭୦ତମ ବନମହୋତ୍ସବ ପାଳିତ ହୋଇଛି। କଟକ ବନଖଣ୍ଡ ଓ ଜଗତ୍‌ସିଂହପୁର ବନାଞ୍ଚଳ ତରଫରୁ ଆୟୋଜିତ ଏହି ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ କଟକ ବନଖଣ୍ଡ ଅଧିକାରୀ ଏଚ.ଏମ.ଟି. ରହମନ, ରେଞ୍ଜ ଅଫିସର ବଳରାମ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ଅନୀତା ଦାସ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ଫରେଷ୍ଟର ରାଜେନ୍ଦ୍ର କୁମାର ସାମନ୍ତରାୟ, ବନପାଳ ବାନାମ୍ବର ବିଶ୍ୱାଳ, ବନରକ୍ଷୀ ଉଲ୍ଲାସ ସ୍ୱାଇଁ, ଭଞ୍ଜକିଶୋର ପାଳ ପ୍ରମୁଖ ପରିଚାଳନା କରିଥିଲେ।




ମନେ ପଡ଼ନ୍ତି


ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ମହେଶ୍ୱର ପରିଡ଼ା
ଦଦରାକୁଣ୍ଡ, ବ୍ରହ୍ମଗିରି, ପୁରୀ
ଆବିର୍ଭାବ: ୦୨।୦୨।୧୯୪୩
ତିରୋଧାନ: ୨୪।୦୬।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର: ଚିତ୍ତରଞ୍ଜନ ପରିଡ଼ା, ଦେବରାଜ ପରିଡ଼ା, ଆର୍ତ୍ତ, ଗଦାଧର, ଝିଅଜ୍ୱାଇଁ, ନାତି ନାତୁଣୀ ମାନେ।
ଧ-୧୩୨୩୫

୨୯ତମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଶ୍ରୀଚନ୍ଦନ
ଆବିର୍ଭାବ: ୧୨।୦୪।୧୯୪୫
ତିରୋଧାନ: ୦୪।୦୭।୧୯୯୦
ଆମେ ଆଜିର ୨୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆପଣଙ୍କ ଆତ୍ମା ପରମେଶ୍ୱରଙ୍କ ସାନ୍ନିଧ ଲାଭ କରନ୍ତୁ, ଏହା ହିଁ କାମନା କରୁଛୁ।
Director and Staff "x" Security Service (P) Ltd.
ଧ-୧୩୨୩୩

ଅଷ୍ଟାଦଶତମ ଶ୍ରାଦ୍ଧବାର୍ଷିକ

ସ୍ୱର୍ଗତ ଚିତ୍ତରଞ୍ଜନ ଦାସ
ପଟିଆ, ଭୁବନେଶ୍ୱର
ଆବିର୍ଭାବ: ୨୪।୦୬।୧୯୨୪
ତିରୋଧାନ: ୨୨।୦୬।୨୦୦୧
ତୁମର ସ୍ନେହ, ସରଳ ଜୀବନ, ନିରପେକ୍ଷ ବିଚାର ଆମ ପାଇଁ ଆଦର୍ଶ। ତୁମକୁ ଚିରଦିନ ପାଇଁ ହରାଇ ଆମେ ଶୋକାକୁଳ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ।
ଧ-୬୬୫୯୭

ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ଦିଲୀପ ମିଶ୍ର
୧୮୫, ଜନପଥ, ଭୁବନେଶ୍ୱର
ଆବିର୍ଭାବ: ୨୧ ସେପ୍ଟେମ୍ବର ୧୯୪୦
ତିରୋଧାନ: ୨୭ ଜୁନ ୨୦୦୬
(ଶ୍ରୀଗୁଣ୍ଡିଚା)
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶ୍ରଦ୍ଧାଞ୍ଜଳି ସହ:
ବନ୍ଧୁ ଓ ପରିବାରବର୍ଗ
ଧ-୧୩୨୩୧

୩ୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଯତୀନ୍ଦ୍ର ମୋହନ ମହାନ୍ତି
Senior Advocate, Odisha High Court
ଆବିର୍ଭାବ: ୧୯୪୭ ମସିହା ସରସ୍ୱତୀ ପୂଜା
ତିରୋଧାନ: ୨୦୧୬ ମସିହା ଶ୍ରୀଗୁଣ୍ଡିଚା
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପରିବାରବର୍ଗ
ଧ-୧୩୨୩୭

## ସଂକ୍ଷେପରେ

### କାଠ ତଳେ ଚାପି ହୋଇ ଜଣେ ମୃତ

**ଡେରାବିଶ ୩।୭(ସ୍ୱ.ପ୍ର.):** ନିକିରେଇ ଥାନା ଅଧୀନ ଛୋଟି ଗ୍ରାମରେ କାନ୍ଥ ପଡ଼ି ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ସେହି ଗ୍ରାମର କେଶବ ମଲ୍ଲିକ (୫୦)। ପ୍ରକାଶ ଯେ, ଗ୍ରାମର ଅରକ୍ଷିତ ମଲ୍ଲିକଙ୍କ ଘର କାନ୍ଥ ଭଙ୍ଗାଯିବା ପାଇଁ କେଶବ ମଜୁରିଆ ଭାବେ କାର୍ଯ୍ୟ କରୁଥିଲେ। ତେବେ କାନ୍ଥ ଭାଙ୍ଗୁଥିବା ବେଳେ କାନ୍ଥଟି କେଶବଙ୍କ ଉପରେ ପଡ଼ିଯାଇଥିଲା। ଫଳରେ କେଶବ କାନ୍ଥ ତଳେଚାପି ହୋଇ ରହିଯାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ କାନ୍ଥ ତଳୁ ମୃତଦେହକୁ ଉଦ୍ଧାର କରାଯାଇଥିଲା। ଏ ସମ୍ପର୍କରେ ମୃତ କେଶବଙ୍କ ପୁଅ ଜିତୁ ରଞ୍ଜନ ମଲ୍ଲିକ ନିକିରେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଯାଇଛି। ଛୋଟି ସରପଞ୍ଚ କୁମାର ଚନ୍ଦ୍ର ବଳ ମୃତକଙ୍କ ପରିବାରକୁ ସହାୟତା ଯୋଗାଇ ଦେଇଛନ୍ତି। ତେବେ କେଶବଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସରପଞ୍ଚ ବଳ ଦାବି କରିଛନ୍ତି।

### ବିଧାନସଭା ଷ୍ଟାଣ୍ଡିଂ କମିଟି ସଦସ୍ୟ ହେଲେ ଧ୍ରୁବ

**ରାଜନଗର, ୩।୭ (ଡି.ଏନ୍.ଏ.):** ବାଚସ୍ପତି ସୂର୍ଯ୍ୟ ପାତ୍ର ମଙ୍ଗଳବାର ବିଧାନସଭାର ୧୦ଟି ଷ୍ଟାଣ୍ଡିଂ କମିଟିର ଅଧକ୍ଷ ଓ ସଦସ୍ୟମାନଙ୍କ ନାମ ଘୋଷଣା କରିଛନ୍ତି। ଏହି କମିଟିରେ ରାଜନଗର ବିଧାୟକ ଧ୍ରୁବ ସାହୁ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ରାଜନଗର ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତ, ଯୁବନେତା ବାଇଧର ସେଠୀ, ନରହରି ଜେନା, ଫୁଲ ଦାସ, ପ୍ରଶାନ୍ତ କୁମାର ରାଉତ, ଜୁମର କୁମାର ରାଉତ, ଦୀପକ କୁମାର ରାଉତ, ନିମାଇଁ ଚରଣ ରାଉତ, ଶ୍ରୀକାନ୍ତ କୁମାର ପ୍ରଧାନ, ଅରୁଣ କୁମାର ସାହୁ, ଗୋବର୍ଦ୍ଧନ ପ୍ରଧାନ ପ୍ରମୁଖ ବିଧାୟକ ସାହୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### କେନାଲ ତଳକୁ ଖସିଲା ବାଇକ୍ :ଜଣେ ମୃତ

**ପଟ୍ଟାମୁଣ୍ଡାଇ,୩।୭( ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ବେଲତଳ ନିକଟ ୧୫ ନଂ ପୋଲରୁ ଏକ ବାଇକ୍ ତଳକୁ ଖସିପଡ଼ିବାରୁ ବୁଧବାର ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ଏହି ଦୁର୍ଘଟଣାରେ ବଡ଼ମୂଳ ବସନ୍ତ ଗ୍ରାମର ତପନ ଜେନା(୩୫)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ସାନଭାଇ ବିକାଶ ଜେନା(୨୩) ଓ ସାଙ୍ଗ ମୁନ୍ନା ଜେନା (୩୨) ଗୁରୁତର ହୋଇଛନ୍ତି। ସେମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତପନ ଏହି ଥାନା ଅନ୍ତର୍ଗତ ଅରୁଆ ଗ୍ରାମସ୍ଥିତ ଶ୍ୱଶୁର ଘରକୁ ଏକ ଭୋଜି ଖାଇବାକୁ ଯାଇଥିଲେ। ସାଙ୍ଗରେ ବିକାଶ ଓ ମୁନ୍ନା ଥିଲେ। ସେମାନେ ଭୋଜି ଖାଇସାରି ବାଇକ୍‌ରେ ଇନ୍ଦୁପୁର ରାସ୍ତାଦେଇ ଘରକୁ ଫେରୁଥିଲେ। ଏହି ସମୟରେ ବେଲତଳସ୍ଥିତ ୧୫ ନଂ ପୋଲ ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ତଳକୁ ଖସିପଡ଼ିଥିଲା। ପୋଲରେ ସାଇଫୋନ ନିର୍ମାଣ ପାଇଁ ଢଳେଇ ପଡ଼ିଥିବାବେଳେ ସ୍ଲାପ ପଡ଼ିବା ପାଇଁ ଅଧାପନ୍ତରିଆ ଭାପେ ଲୁହାରଡ୍ ଛଡାଯାଇଥିବାରୁ ଏହି ଦୁର୍ଘଟଣା ଘଟିଥିବା ଆଲୋଚନା ହେଉଛି।

# ଶ୍ରୀଜୀଉଙ୍କ ଅପେକ୍ଷାରେ ବ୍ରହ୍ମତାଳଧ୍ୱଜ

**କେନ୍ଦ୍ରାପଡା ଅଫିସ, ୩।୭**

ଆଜି ବିଶ୍ୱ ପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ରଥଯାତ୍ରା। ତୁଳସୀ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉ ଏହି ଅବସରରେ ମାଉସୀମା ମନ୍ଦିର ଅଭିମୁଖେ ରଥରେ ଯାତ୍ରା କରିବେ। ଏଥିପାଇଁ ଶ୍ରୀଜୀଉଙ୍କ ମନ୍ଦିର ସମ୍ମୁଖରେ ବ୍ରହ୍ମ ତାଳଧ୍ୱଜ ରଥ ପ୍ରସ୍ତୁତ ହୋଇରହିଛି। ବୁଧବାର ସନ୍ଧ୍ୟାରେ ରଥ ପ୍ରତିଷ୍ଠା ହୋଇଛି। କେବଳ ଶ୍ରୀଜୀଉଙ୍କୁ ଅପେକ୍ଷା। ପୁରୀ ଶ୍ରୀକ୍ଷେତ୍ର ପରେ ରାଜ୍ୟର ଯେଉଁ କୋଟିଏ ସ୍ଥାନରେ ରଥଯାତ୍ରାରେ ପ୍ରବଳ ଜନ ସମାଗମ ହୁଏ, ସେଥିମଧ୍ୟରୁ କେନ୍ଦ୍ରାପଡାର ଇଚ୍ଛାପୁର ଅନ୍ୟତମ। ଶ୍ରୀଜୀଉ ମଣି ବିଗ୍ରହ ହୋଇଥିବା ବେଳେ ବିରାଜିତ ରଥକୁ ବ୍ରହ୍ମ ତାଳଧ୍ୱଜ ରଥ କୁହାଯାଏ। ଏହି ବ୍ରହ୍ମ ତାଳଧ୍ୱଜ ରଥରେ ଗତ ସ୍ନାନ ପୂର୍ଣ୍ଣିମାରେ ଚକ ଡେରାଲାଗି ହୋଇ ବରାନ୍ଦ ଯୋଡା ଆରମ୍ଭ ହୋଇଥିଲା। ଆଷାଢ଼ ମାସ, କୃଷ୍ଣପକ୍ଷ ଏକାଦଶୀ ତିଥିରେ ନାହାକା ଯୋଡା ପରେ ଏବେ ରଥ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯାଇଛି ବୋଲି ରଥ ନିର୍ମାଣ ମୁଖ୍ୟ ସୁକଦେବ ମହାରଣା କହିଛନ୍ତି।




ସେ ରଥ ସମ୍ପର୍କରେ ସୂଚନା ଦେଇଛନ୍ତି, ଏହାର ଉଚ୍ଚତା ୪୩ ହାତ ୧୦ ଆଙ୍ଗୁଳି। କଳସ ଓ ନେତକୁ ବାଦ ଦେଲେ କେବଳ ରଥର ଉଚ୍ଚତା ୬୫ ଫୁଟ ୬ ଇଞ୍ଚ ହେବ। ରଥର ବ୍ୟାସ ୩୮ ଫୁଟ ହେବ। ବଖୁରିଆ ଯନ୍ତ୍ରରେ ମାପ ହୋଇ ନିର୍ମିତ ଏହି ବ୍ରହ୍ମ ତାଳଧ୍ୱଜ ରଥର ଉଚ୍ଚତା ଅଥବା ବ୍ୟାସ କେବେ କମ୍ ହୋଇ ନ ଥିବା ସେ ଦର୍ଶାଇଛନ୍ତି। ୧୭୨୮ ମସିହାରେ ମରହଟ୍ଟା ସନ୍ନ୍ୟାସୀ ସନ୍ଥ ଗୋପାଳ ଦାସ ତୁଳସୀ କ୍ଷେତ୍ରରେ ଅବସ୍ଥାନ ପରେ ଶ୍ରୀଜୀଉଙ୍କ ମନ୍ଦିର ଓ ଶ୍ରୀଗୁଣ୍ଡିଚା ମନ୍ଦିର ନିର୍ମିତ ହୋଇଥିଲା। ଏହି ମହାତ୍ମା ହିଁ ଏହି ବିଶ୍ୱବିଖ୍ୟାତ ରଥର ପ୍ରବର୍ତ୍ତକ ବୋଲି ସେବାୟତ ଗଗନ ପତ୍ରୀ ମତ ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ଦ୍ୱିବିଦ ଦାନବ ବଧ କାଳରେ ତାଳ ବନରେ ବ୍ରହ୍ମା ଶ୍ରୀ ବଳଦେବଜୀଉଙ୍କୁ ଏହି ତାଳଧ୍ୱଜ ରଥ ପ୍ରଦାନ କରିଥିଲେ। ବଳଦେବ ସ୍ୱୟଂ ବାସୁଦେବ ଓ ଅନନ୍ତ। ସେ ପ୍ରଥମେ ତୁଳସୀ କ୍ଷେତ୍ରରେ ଏକାକୀ ପୂଜା ପାଉଥିଲେ। ପରବର୍ତ୍ତୀ କାଳରେ ତାଙ୍କ ସହ ସୁଭଦ୍ରା ଓ ଜଗନ୍ନାଥଙ୍କ ପୂଜାର୍ଚ୍ଚନା କରାଯାଉଛି। ଅଗ୍ରପୂଜ୍ୟ ବଳଦେବ ଓ ମୁନିଋଷିଙ୍କ ଗହଣରେ ଯାତ୍ରା କରିବା ପରମ୍ପରା ଏଠାରେ ଚାଲିଆସିଛି। ରଥ ନିର୍ମାଣର ରୀତିନୀତି ସମ୍ପର୍କରେ ଟ୍ରଷ୍ଟ ବୋର୍ଡ କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ କୁହନ୍ତି, ଦୋଳ ପୂର୍ଣ୍ଣିମା ପରଦିନ ଚୈତ୍ର କୃଷ୍ଣ ପ୍ରତିପଦ ଦିବସରେ ରଥ ନିର୍ମାଣ ନିମନ୍ତେ ନିର୍ଦ୍ଦିଷ୍ଟ ବୃକ୍ଷରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ବନ୍ଧା ଯାଏ। ପରେ ପୂଜାର୍ଚ୍ଚନା କରାଯାଇ ବୃକ୍ଷଛେଦନ କରାଯାଏ। ଅକ୍ଷୟ ତୃତୀୟା ଦିବସରେ ଏହି କାଷ୍ଠ ସହ ଯନ୍ତ୍ରାଦି ପୂଜା ପାଇ ରଥ ନିର୍ମାଣ ଶୁଭାରମ୍ଭ ହୋଇଥାଏ। ଅନୁକୂଳ ଦିବସରେ ଯେଉଁ କାଷ୍ଠ ଖଣ୍ଡିକ କଟା ଯାଏ, ସେଥିରେ ଲଙ୍ଗଳାୟୁଧ ତିଆରି କରା ଯିବା ବିଧି ରହିଛି। ଉକ୍ତ ହଳାୟୁଧ ରଥ ଶୀର୍ଷରେ ସ୍ଥାନିତ ହୁଏ। ରଥ କାଠ ସମ୍ପର୍କରେ ଟ୍ରଷ୍ଟି ଧୀରେନ ସାହୁ କୁହନ୍ତି, ରଥର ନିର୍ମାଣ ପାଇଁ ପୂର୍ବରୁ ବ୍ୟବହୃତ ରଥର କାଠ ଲାଗେ। ତେବେ ୨ ନୂତନ ଚକ ଓ ଅଖ ଅନ୍ୟୂନ ବଦଳା ଯିବାର ବିଧାନ ରହିଛି। ଏଥିସହ ରଥର ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଲମ୍ବା କାଠର ଆବଶ୍ୟକତା ହୋଇଥାଏ। ଚଳିତ ବର୍ଷ ମୋଟ ୩୦ ଲକ୍ଷ ଟଙ୍କା ରଥଯାତ୍ରାରେ ଖର୍ଚ୍ଚ ହେବାକୁ ଥିବା ବେଳେ ଏହି ଅର୍ଥ ଭରଣା ପାଇଁ ବିଭିନ୍ନ ସଂସ୍ଥା, ବ୍ୟକ୍ତି, ଅନୁଷ୍ଠାନ ଓ ସରକାରୀ ସାହାଯ୍ୟକୁ ଅପେକ୍ଷା କରାଯାଇଥାଏ। ଶ୍ରୀଜୀଉଙ୍କ ରଥଯାତ୍ରା ପାଇଁ ଏକ ସ୍ୱତନ୍ତ୍ର ବନ ପ୍ରକଳ୍ପ ଆରମ୍ଭ ହେବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି। ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ରଥଯାତ୍ରା ସମ୍ପର୍କରେ କୁହନ୍ତି ଏଠାରେ ୨ଦିନ ଧରି ରଥଯାତ୍ରା ଅନୁଷ୍ଠିତ ହୋଇଥାଏ।

# ରିଘାଗଡ଼ରେ ନିଆରା ରଥଯାତ୍ରା

## ମୁରୁଜ ରଥରେ ବିଜେ କରିବେ ଶ୍ରୀଜୀଉ

**ରାଜନଗର, ୩।୭ (ଡି.ଏନ୍.ଏ.)**

ଗୁରୁବାର ପବିତ୍ର ରଥଯାତ୍ରା। ବିଭିନ୍ନ ଜଗନ୍ନାଥ ମନ୍ଦିରରେ କାଠରେ ରଥ ନିର୍ମାଣ କରାଯାଇଥିବା ବେଳେ ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତ ରିଘାଗଡ଼ର ବଳଦେବଜୀଉଙ୍କ ପୀଠରେ ନିଆରା ଢ଼ଙ୍ଗରେ ରଥଯାତ୍ରା ପାଳନ କରାଯାଏ। କାଠ ରଥ ବଦଳରେ ଚତୁର୍ଦ୍ଧା ମୂର୍ତ୍ତି ମୁରୁଜ ରଥରେ ବିଜେ କରନ୍ତି। ନିଆରା ପରମ୍ପରାରେ ଅନୁଷ୍ଠିତ ଏହି ରଥଯାତ୍ରା ଦେଖିବାକୁ ରାଜନଗର ସମେତ ଆକପଖ ଅଞ୍ଚଳ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ହୁଏ। ଗୁରୁବାର ରଥ ଯାତ୍ରା ଥିବାରୁ ମଙ୍ଗଳବାର ଅନବସର ଘରୁ ମହାପ୍ରଭୁ ବାହାରି ନବଯୌବନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ତେବେ ରଥଯାତ୍ରା ପାଇଁ ମନ୍ଦିର କର୍ତ୍ତୃପକ୍ଷ ଓ ସ୍ଥାନୀୟ ଲୋକଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

ସୂଚନାଥାଉ କି, ରିଘାଗଡ଼ର ବଳଦେବଜୀଉଙ୍କ ମନ୍ଦିର ୧୬ଶହ ଶତାବ୍ଦୀରେ କନିକା ରାଜବଂଶ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା। ପ୍ରତିଷ୍ଠା ପରଠାରୁ ଏଠାରେ ରଥଯାତ୍ରା ଅନୁଷ୍ଠିତ ହେଉଥିଲା। ରଥ ଦାଣ୍ଡ କାଦୁଅ ହେଉଥିବାରୁ ରଥ ଟଣା ଯାଇ ପାରୁ ନ ଥିବା ବେଳେ ଚାରିପଟେ ନଦୀ ଥିବାରୁ ଆଖପାଖ ଲୋକେ ରଥ ଟାଣିବାକୁ ଆସିପାରୁ ନଥିଲେ। ଫଳରେ ପ୍ରାୟ ୧୦୦ବର୍ଷ ହେବ ରିଘାଗଡ଼ରେ ରଥଯାତ୍ରା ବନ୍ଦ ହୋଇଯାଇଛି। କେବଳ ବିଧି ରକ୍ଷା ପାଇଁ ରଥଯାତ୍ରା ଦିନ ମନ୍ଦିର ପରିସରରେ ମୁରୁଜରେ ୩ରଥ ତିଆରି କରାଯାଏ। ଠାକୁରଙ୍କୁ ପହଣ୍ଡି କରି ଅଣାଯାଇ ମୁରୁଜ ରଥରେ ପ୍ରତିଷ୍ଠା କରାଯାଏ। ଏବଂ ବାହୁଡା ପରେ ବିଧି ବ୍ୟବସ୍ଥା ଅନୁଯାୟୀ ରତ୍ନ ସିଂହାସନକୁ ତିନି ଠାକୁର ବିଜେ କରିଥାନ୍ତି।

# ଜଳବାହିତ ରୋଗ ଟାସ୍କଫୋର୍ସ ବୈଠକ



ବୈଠକରେ ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟମାନେ।

**କେନ୍ଦ୍ରାପଡା ଅଫିସ, ୩।୭**

କେନ୍ଦ୍ରାପଡା ଜିଲାର ଜଳବାହିତ ରୋଗ ସମ୍ପର୍କିତ ଏକ ଟାସ୍କଫୋର୍ସ ବୈଠକ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ଆଦି ଜଳବାହିତ ରୋଗକୁ ରୋକିବା ସକାଶେ ଆଲୋଚନା ହୋଇଥିଲା। ଏଥିରେ ସିଡିଏମ୍‌ଓ ଡା. ଉର୍ମିଳା ମିଶ୍ର ଏବଂ ଏଡିଏମ୍‌ଓ ଡା. ମିର୍ଜା ବାବର ବେଗ ଯୋଗ ଦେଇ ଏସମ୍ପର୍କରେ ଆଲୋଚନା କରିଥିଲେ। ଜୁନ ୧୬ରୁ ଜୁଲାଇ ୧୬ ପର୍ଯ୍ୟନ୍ତ ମ୍ୟାଲେରିଆ ସଚେତନତା ମାସ ଚାଲିଥିବା ବେଳେ ପରବର୍ତ୍ତୀ ୨ ମାସ ଡାଇରିଆ ରୋଗ ବ୍ୟାପିବା ସମ୍ଭାବନା ରହିଛି ବୋଲି ସେମାନେ ପ୍ରକାଶ କରିଥିଲେ। ଏଥିସହ ରୋଗର ନିରାକରଣ ଓ ସଚେତନତାକୁ ନେଇ ହେଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ଏଡିଏମ୍‌ଓ ଡା.କିଶୋର କୁମାର ଆଚାର୍ଯ୍ୟ, ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଓ ବିଭାଗୀୟ ଅଧିକାରୀମାନେ ସାମିଲ ହୋଇଥିଲେ।

## ଆବାସିକ ମହାବିଦ୍ୟାଳୟରେ ଛାତ୍ରୀ ମୃତ୍ୟୁ ଘଟଣା

# ତଦନ୍ତରେ ଶିଥିଳତା ବିରୋଧରେ ରାସ୍ତାରୋକୋ

**କେନ୍ଦ୍ରାପଡା ଅଫିସ, ୩।୭**

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ନୟନବିହାରସ୍ଥିତ ଘରୋଇ ଆବାସିକ ମହାବିଦ୍ୟାଳୟ ଛାତ୍ରୀଙ୍କ ମୃତ୍ୟୁ ଘଟଣା ବୁଧବାର ଆନ୍ଦୋଳନର ରୂପ ନେଇଛି। ଏହାର ତଦନ୍ତରେ ଶିଥିଳତା ଅଭିଯୋଗ କରି ମୃତାଙ୍କଙ୍କ ପରିବାର ପକ୍ଷରୁ ବୁଧବାର କଟକ-ଚାନ୍ଦବାଲି ରାଜ୍ୟ ରାଜପଥ ଓ ୫ ନଂ (କ) ଜାତୀୟ ରାଜପଥକୁ ପୂର୍ବାହ୍ନ ୧୧ଟାରୁ ଦୀର୍ଘ ୬ ଘଣ୍ଟା ଧରି ଅବରୋଧ କରାଯାଇଥିଲା। ଖବରପାଇ ଏସପି ନୀତିଶେଖର ଓ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ଘଟଣାସ୍ଥଳରେ ପହଞ୍ଚିଥିଲେ। ଆସନ୍ତା ୭ ଦିନ ମଧ୍ୟରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା। ଛାତ୍ରୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସୂଚନାଯୋଗ୍ୟ, ପାରାଦୀପ ଲକ୍ ଥାନା ଅନ୍ତର୍ଗତ ବିଜୟ ଚନ୍ଦ୍ରପୁର (ହାଣ୍ଡିଆ) ଗ୍ରାମର ସମ୍ପଦ ସାହୁଙ୍କ ଝିଅ ସରିତା (୨୦) ନୟନବିହାରସ୍ଥିତ ଏହି ଘରୋଇ ଆବାସିକ ମହାବିଦ୍ୟାଳୟରେ ଯୁକ୍ତ ୨ରେ ନାମ ଲେଖାଇ ରହୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ କଲେଜର ୨ ଜଣ ଛାତ୍ରୀ ତାଙ୍କୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ସରିତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ଜାଣିବାପରେ ମୃତଦେହ ଛାଡ଼ି ଉଭୟ ଛାତ୍ରୀ ଫେରାର ହୋଇଯାଇଥିଲେ। ଏ ନେଇ ସମ୍ପଦ କେନ୍ଦ୍ରାପଡା ସଦର ଥାନା ଆସି ଅଭିଯୋଗ କରିଛନ୍ତି। ଏହା ହତ୍ୟାକାଣ୍ଡ ବୋଲି ସେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଝିଅ ରହୁଥିବା ରୁମ୍ ମଧ୍ୟରେ ଖଟ ଓ ଫ୍ୟାନ୍‌ର ଦୂରତା ମାତ୍ର ୫ ଫୁଟ। ମାତ୍ର ତାଙ୍କ ଝିଅ ସାଢ଼େ ପାଞ୍ଚ ଫୁଟ ଲମ୍ବ ହେବ। ଏତେ ଲମ୍ବା ଝିଅ ଏକ ଲୁଗା ଶୁଖା ସରୁ ଦଉଡିରେ ଆତ୍ମହତ୍ୟା କରିଥିବା ଆଦୌ ସମ୍ଭବ ନୁହେଁ। ସେହିପରି ଏହି ରୁମ୍‌ର ବିଭିନ୍ନ ସ୍ଥାନରେ ରକ୍ତ ଲାଗିଥିବାରୁ ହତ୍ୟା ସନ୍ଦେହ କରାଯାଉଛି। ମାତ୍ର ତଦନ୍ତକାରୀ ପୋଲିସ ଏହି ଘଟଣାକୁ ହାଲ୍କା ଭାବେ ନେଇ ଆତ୍ମହତ୍ୟା କରିଥିବା ପ୍ରକାଶ କରିଛନ୍ତି। ଏନେଇ ପୋଲିସ ପକ୍ଷରୁ ଥାନାରେ (ନଂ-୨୦/୧୯) ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏଥିସହ ଫରେନସିକ ବିଭାଗ ସହାୟତାରେ ତଦନ୍ତ ଆରମ୍ଭ ହୋଇଛି ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ତଦନ୍ତ ସମୟରେ ମୃତାଙ୍କଙ୍କ ଏକ ହାତଲେଖା ଡାଏରି ମିଳିଛି। ଅପରପକ୍ଷେ ଛାତ୍ରୀ ନିବାସରେ ଅନୈତିକ କାର୍ଯ୍ୟ ହେଉଥିବା ନେଇ ଆଲୋଚନା ହେଉଛି। ସରିତା ଏ ସମ୍ପର୍କରେ ଜାଣିଯିବାରୁ ତାଙ୍କୁ ମାରିଦିଆଯାଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏହାପରଠାରୁ ଆବାସିକ ମହାବିଦ୍ୟାଳୟର କର୍ତ୍ତୃପକ୍ଷ ସମସ୍ତ ଛାତ୍ରୀଛାତ୍ରଙ୍କୁ ଘରକୁ ପଠାଇ ଦେଇଛନ୍ତି। ପୋଲିସର ଏପରି ମନୋଭାବକୁ ବିରୋଧ କରି ମୃତାଙ୍କଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀଙ୍କ ପକ୍ଷରୁ ୨ଟି ରାଜପଥକୁ ବନ୍ଦ କରି ଆନ୍ଦୋଳନ କରାଯାଇଥିଲା। ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଆନ୍ଦୋଳନକାରୀ ସୁଦର୍ଶନ ସ୍ୱାଇଁ କହିଛନ୍ତିଯେ, ପୂର୍ବରୁ ଏହି ମହାବିଦ୍ୟାଳୟରେ ରାଜନଗର ଅଞ୍ଚଳର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ମାତ୍ର ଏଠାକାର କର୍ତ୍ତୃପକ୍ଷଙ୍କ ବଡଭାଇ ଜଣେ ରାଜ୍ୟସ୍ତରୀୟ ନେତା ହୋଇଥିବାରୁ ପୋଲିସ ତଦନ୍ତରେ ଶିଥିଳତା ପ୍ରକାଶ କରୁଛି। ଏ ସମ୍ପର୍କରେ ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା କୁହନ୍ତି ଯେ, ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ ହୋଇଛି। ମହାବିଦ୍ୟାଳୟରେ କୌଣସି ଛାତ୍ରୀଛାତ୍ର ଓ କର୍ମଚାରୀ ନ ଥିବାରୁ ତଦନ୍ତରେ ବିଳମ୍ବ ହେଉଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଆଗାମୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅପରପକ୍ଷରେ ସମ୍ପୃକ୍ତ ଅନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଫୋନ୍ ସୁଇଚ୍ ଅଫ୍ ଥିବାରୁ ତାଙ୍କ ସହ ଯୋଗାଯୋଗ ହୋଇପାରିନାହିଁ।



ଦୁହୁରିଆଠାରେ ମୃତାଛାତ୍ରୀଙ୍କ ପରିବାର ଲୋକେ ରାସ୍ତାରୋକୋ କରିଛନ୍ତି।

# ଚାଷଜମିରେ ଲୁଣାପାଣି ମାଡ଼ିଗଲା

**ରାଜନଗର, ୩।୭ (ଡି.ଏନ୍.ଏ.)**

ରାଜନଗର ବ୍ଲକର ଖୋଲା-ଡାଙ୍ଗମାଳ ଜଙ୍ଗଲ ରାସ୍ତାରେ ଥିବା ଥାନପତି ସ୍ଲୁଇସ ମୁକୁଳା ପଡିଛି। ୩ ମାସ ହେଲା ସ୍ଲୁଇସ ନିର୍ମାଣ ସରିଥିଲେ ମଧ୍ୟ ସ୍ଲୁଇସରେ ଏ ପର୍ଯ୍ୟନ୍ତ କବାଟ ଲଗାଯାଇନାହିଁ। ଫଳରେ ବୁଧବାର ଏହି ମୁକୁଳା ସ୍ଲୁଇସ ଦେଇ ଲୁଣାପାଣି ଭେଡ଼ାରେ ପ୍ରବେଶ କରିବା ସହ ଚାଷଜମିକୁ ମାଡିଯାଇଛି। ଫଳରେ ରଗଡାପାଟିଆ, ନଳିତାପାଟିଆ, ଗୋବିନ୍ଦପୁର, ରାଜେନ୍ଦ୍ରନାରାୟଣପୁର, ଖମାରସାହି ପ୍ରଭୃତି ୫ ମୌଜାର ପ୍ରାୟ ୫ଶହ ଏକର ଚାଷଜମି ଜଳମଗ୍ନ ହୋଇଛି। ଖରିଫ ଚାଷ ପାଇଁ ଲୋକେ ଜମିରେ ତଳି ପକାଇଥିବା ବେଳେ ଲୁଣିପାଣି ମାଡିଯିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଲୁଣାପାଣି ମାଡ଼ିଯାଇଥିବାରୁ ପକାଯାଇଥିବା ତଳି ନଷ୍ଟ ହୋଇଯିବବା ଆଶଙ୍କା ରହିଛି। ତୁରନ୍ତ ସ୍ଲୁଇସ୍ ଗେଟ୍ ମରାମତି କରିବାକୁ ସତ୍ୟବ୍ରତ ସାହୁ, ରାମଚନ୍ଦ୍ର ନାୟକ, ଅଶୋକ ନାୟକ, କେଶବ ଦାସ, ଜଗବନ୍ଧୁ ନାୟକ, ଜଗବନ୍ଧୁ ମହାନ୍ତି ପ୍ରମୁଖ ଚାଷୀ ଦାବି କରିଛନ୍ତି।



### କେରଡ଼ାଗଡ଼ ରଥଦାଣ୍ଡ ସଫେଇ

**ରାଜନଗର, ୩।୭ (ଡି.ଏନ୍.ଏ.)**

ରାଜନଗର ବ୍ଲକ କେରଡାଗଡ଼ସ୍ଥିତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ବୁଧବାର ରଥଦାଣ୍ଡକୁ ସଫେଇ କରାଯାଇଛି। ଜଗତଗୁରୁ ଠାକୁର ଅଭିରାମ ପରମହଂସ ଦେବଙ୍କ ଆଞ୍ଚଳିକ ଭକ୍ତ ଗୋଷ୍ଠୀ ସଦସ୍ୟ ଏହି ସଫେଇ କରଛନ୍ତି। ଭକ୍ତ ଗୋଷ୍ଠୀ ସଭାପତି ଶଶିଭୂଷଣ ପଣ୍ଡା, ସମ୍ପାଦକ ହିମାଂଶୁ ଶେଖର ଦାସ, ମୁରଲୀଧର ସାହୁ, ପଦ୍ମନାଭ ରାଉତ, ଲକ୍ଷ୍ମୀକାନ୍ତ ଦାସ, ବିଦ୍ୟାଧର ରାଉତ, ପ୍ରହଲ୍ଲାଦ ନାଏକ ପ୍ରମୁଖ ସାମିଲ ହୋଇଥିଲେ।

## ମଣିକୁଣ୍ଡା ଗ୍ରାମ୍ୟ ଜଙ୍ଗଲ ଉପରେ ପାଣି ପ୍ରକଳ୍ପ ମାମଲା

# ନିର୍ମାଣ କାର୍ଯ୍ୟ ବନ୍ଦ ହେଉ ନ ଥିବା ଅଭିଯୋଗ

**କେନ୍ଦ୍ରାପଡା ଅଫିସ, ୩।୭**

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ମଣିକୁଣ୍ଡା ଗ୍ରାମ ଜଙ୍ଗଲରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହେଉଛି। ଏହାକୁ ବନ୍ଦ କରିବା ପାଇଁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ଠିକା ସଂସ୍ଥା କାର୍ଯ୍ୟ ଚାଲୁ ରଖିଛନ୍ତି। ଏପରି ଅଭିଯୋଗ ଆଣି ସାମାଜିକ କର୍ମୀ ଆଳୟ ସାମନ୍ତରାୟ ଏକ ପିଟିସନ ଜିଲାପାଳ, ଜିଲା ବନ ବିଭାଗ ଅଧିକାରୀ ଓ କେନ୍ଦ୍ର ସରକାରଙ୍କ ପରିବେଶ ଓ ବନ୍ୟ ବିଭାଗ ମନ୍ତ୍ରଣାଳୟକୁ ମଙ୍ଗଳବାର ପଠାଇଛନ୍ତି। ଏ ସମ୍ପର୍କରେ ସାମନ୍ତରାୟ ପ୍ରକାଶ କରିଛନ୍ତି ଯେ, ଏ ନେଇ ଟ୍ରିବ୍ୟୁନାଲରେ ଆଦେଶ ଆସିବା ପରେ କଟକ ଡିଏଫ୍‌ଓ ଓ ଜିଲାପାଳ କାର୍ଯ୍ୟସ୍ଥଳକୁ ଯାଇ ତଦନ୍ତ କରିଥିଲେ। ସତେବେଳେ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ଠିକାଦାରଙ୍କୁ ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଥିବା ଦର୍ଶାଇଥିବା ବେଳେ ବାସ୍ତବ କ୍ଷେତ୍ରରେ ଏହାର ବିପରିତ ଦେଖିବାକୁ ମିଳିଛି। ଠିକା ସଂସ୍ଥା ନିର୍ମାଣ କାର୍ଯ୍ୟ ଚାଲୁ ରଖିଥିବାରୁ ଏ ନେଇ ପିଟିସନ ପ୍ରଦାନ କରାଯାଇଥିବା ଅଭିଯୋଗକାରୀ ସାମନ୍ତରାୟ କହିଛନ୍ତି।

### ଉତ୍କଳମଣି ଗୋପବନ୍ଧୁଙ୍କ ଶ୍ରାଦ୍ଧୋତ୍ସବ ପାଳିତ

**ମାର୍ଶାଘାଇ, ୩।୭ (ଡିଏନଏ):** ମାର୍ଶାଘାଇ ବ୍ଲକର ଅଙ୍ଗୁଳାଇ ମଧୁସାଗର ବିଦ୍ୟାପୀଠରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୧ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଚିନ୍ତାମଣି ଗୁରୁଜୀ ଓ ରକ୍ମଣୀ ଦେବୀ ନ୍ୟାସ ଓ ମଧୁସାଗର ବିଦ୍ୟାପୀଠର ମିଳିତ ଉଦ୍ୟମରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଦ୍ୟାପୀଠର ବରିଷ୍ଠ ଶିକ୍ଷକ ବାବୁଲି ଚରଣ ବେହେରା ସଭାପତିତ୍ୱ କରିଥିଲେ। ସକାଳୁ ବିଦ୍ୟାପୀଠରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଫେଇ କରାଯାଇ ବିଦ୍ୟାଳୟ ପରିସରରେ ଥିବା ମହାତ୍ମା ଗାନ୍ଧୀ,ଉତ୍କଳମଣି ଗୋପବନ୍ଧୁ ଦାସ,ସ୍ୱର୍ଗତ ଚିନ୍ତାମଣି ଗୁରୁଜୀ,ରକ୍ମଣୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ସଭା କରାଯାଇଥିଲା। ଏଥିରେ ମଧୁସାଗର ବିଦ୍ୟାପୀଠ ଟ୍ରଷ୍ଟବୋର୍ଡର ସଭ୍ୟ ତଥା ନ୍ୟାସର ସଂପାଦକ ଭ୍ରମର ରାଉତ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ଗୁରୁଜୀ କେଶବ ଚରଣ ଲେଙ୍କା,ଗୁରୁମା ମାଧୁରୀ ଭଦ୍ର,ଗୀତାଞ୍ଜଳୀ ସାମଲ,ସୁନୀତା ମହାନ୍ତି,ସୌଦାମିନୀ ସ୍ୱାଇଁ,ଯଦୁମଣି ପରିଡା,ସଂଗ୍ରାମ କେଶରୀ ପରିଡା,ବୈଷ୍ଣବ ଖଣ୍ଡୁଆଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁମା ସୁନୀତା ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଆବାସ ଯୋଜନା ସାତସପନ

# ଗାଈ, ମଣିଷ ଗୋଟିଏ ଘରେ

**ଡେରାବିଶ, ୩।୭ (ସ୍ୱ.ପ୍ର.)**

ସବୁ ଚାଳ ଘର ଭାଙ୍ଗି ପକ୍କା ଘର କରାଯିବ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହି ପ୍ରତିଶ୍ରୁତି ଦେଦଉଥିବା ବେଳେ ହିତାଧିକାରୀଙ୍କୁ ଘର ଖଣ୍ଡେ ଯୋଗାଇ ଦେବା ଲାଗି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଆଦି ଯୋଜନା ପ୍ରଣୟନ ହୋଇଛି। ହେଲେ କେତେକ ସ୍ଥାନରେ ପ୍ରକୃତ ହିତାଧିକାରୀ ଏହାର ସୁଫଳ ପାଉନଥିବା ଦେଖାଯାଉଛି। ଘର ଖଣ୍ଡେ ନ ଥିବାରୁ ଗାଈ ସହ ପରିବାର ନେଇ ଲୋକେ ଗୁହାଳରେ ମୁଣ୍ଡ ଗୁଞ୍ଜୁଥିବା ବେଳେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଦେଖାଯାଉଛି। ଏଭଳି ଏକ ଘଟଣା ନଜରକୁ ଆସିଛି ଡେରାବିଶ ବ୍ଲକ ଅଧୀନ ଛୋଟି ଗ୍ରାମରେ।

ଛୋଟି ଗ୍ରାମର ଧୀରମଣି ଦାସ ସ୍ଥାନୀୟ ସ୍କୁଲରେ ପାଚିକା ଭାବେ କାର୍ଯ୍ୟ କରନ୍ତି। ସେହି ରୋଜଗାରରେ ପରିବାର ଚଳାଇବା ସମ୍ଭବ ହେଉ ନ ଥିବାରୁ ଧୀରମଣି ଦିନମଜୁରୀ ଲାଗିବା ସହ ଆଖପଖ ଗାଁରୁ ମାଗି ଯାଚି ଆଣି ପରିବାର ଚଳାନ୍ତି। ୩ ଝିଅ ଓ ଗୋଟିଏ ପୁଅକୁ ନେଇ ତାଙ୍କ ସଂସାର। ସ୍ୱାମୀ ୬ ମାସ ତଳେ ଘର ଛାଡ଼ି କେଉଁଆଡ଼େ ପଳାଇବା ପରେ ଧୀରମଣିଙ୍କ ଦୁଃଖ ଦ୍ୱିଗୁଣିତ ହୋଇଯାଇଛି। ଗୋଟିଏ ବଖରା ଚାଳ ଛପର ଘରେ ୫ ଜଣ ଦୁଃଖେକଷ୍ଟେ ଦିନ କାଟୁଥିଲେ। ହେଲେ ଗତ ମେ ମାସରେ ହୋଇଥିବା ବାତ୍ୟା ଫନୀରେ ତାଙ୍କ ବଖରାଏ ଚାଳରୁ ଛପର ଉଡ଼ିଯାଇଛି। ଦି ଓଳି ଦି ମୁଠା ଖାଇବାକୁ ନ ଥିବା ବେଳେ ଚାଳ ଛପର ପାଇଁ ଟଙ୍କା ଯୋଗାଡ଼ କରିବା ତାଙ୍କ ପକ୍ଷେ ଅସମ୍ଭବ। ଝାଟି ମାଟି ନୁଆଁଣିଆ ଚାଳ ଘର ଖଣ୍ଡେ। କବାଟ ଲଗାଇବାକୁ ବି ଟଙ୍କାର ଅଭାବ ଏବଂ କାନ୍ଥ ମଧ୍ୟ ଫାଟି ଯାଇଛି। ଏହାଛଡ଼ା ପରିବାର ଚଳାଇବା ପାଇଁ ଗୋଟିଏ ଗାଈ ପାଳିଥିବା ବେଳେ ସେହି ଘରେ ଗାଈ ମଧ୍ୟ ବନ୍ଧା ହେଉଛି। ଗୋଟିଏ ଘରେ ୫ ଜଣଙ୍କ ସମେତ ଗୋଟିଏ ଗାଈ ରହୁଥିବା ବେଳେ



ଭଙ୍ଗା କୁଡ଼ିଆରେ ପିଲାମାନଙ୍କ ସହ ଧୀରମଣି।

**ଡେରାବିଶ ବ୍ଲକ**

- ଗୁହାରି ଶୁଣୁନି ପ୍ରଶାସନ
- ଦୁଃଖ ବଢ଼ାଇଦେଲା ଫନୀ

ସରକାରଙ୍କ ଆବାସ ଯୋଜନା ସାତସପନ ପାଲଟିଛି ବୋଲି ଧୀରମଣି କହିଛନ୍ତି। ବର୍ଷାଦିନ ଆରମ୍ଭ ହୋଇଯାଇଥିବାରୁ ଏବେ ଦୁର୍ଦ୍ଦଶା ଆହୁରି ବଢ଼ିଯାଇଛି। ଛପର ନ ଥିବାରୁ ଘର ଭିତରେ ବର୍ଷା ପାଣି ପଶୁଛି। ଘର ଖଣ୍ଡେ ପାଇଁ ସେ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଡିଓଙ୍କୁ ଜଣାଇଥିଲେ ବି କିଛି ସୁଫଳ ମିଳିନି ବୋଲି ଧୀରମଣି କହିଛନ୍ତି। ଏ ସମ୍ପର୍କରେ ବିଡିଓ ଗୋପବନ୍ଧୁ ଭୋସାଗରଙ୍କୁ ପଚାରିବାରେ ପ୍ରାଥମିକ ତାଲିକାରେ ତାଙ୍କ ନାମ ନଥିବାରୁ ସେ ଆବାସ ଯୋଜନାରେ ଗୃହ ପାଇପାରୁନାହାନ୍ତି ବୋଲି କହିଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ କୁମାର ଚନ୍ଦ୍ର ବଳଙ୍କୁ ପଚାରିବାରେ ସେ ସ୍ପେଶାଲ ସ୍କିମ୍‌ରେ ଘର କାର୍ଯ୍ୟାଦେଶ ପାଇପାରିବେ। ହେଲେ ଏଥିପାଇଁ ବିଧାୟକଙ୍କ ସୁପାରିଶ ଆବଶ୍ୟକ ବୋଲି କହିଛନ୍ତି।

# ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ



ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

**ରାଜକନିକା, ୩।୭ (ଡି.ଏନ୍.ଏ.)**

ରାଜକନିକା ବ୍ଲକ ପଣସଗଣ୍ଡ ପଞ୍ଚାୟତସ୍ଥିତ ଉତ୍କଳମଣି ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୧ତମ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଥମେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ଘଡାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଭରତ ଚନ୍ଦ୍ର ସମାଜସେବା ଟ୍ରଷ୍ଟ ସଭାପତି ଶିବରାମ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ସୁନନ୍ଦା ସାମଲ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସ୍ୱାଧୀନତା ସଂଗ୍ରାମ, ଉତ୍କଳ ସ୍ୱତନ୍ତ୍ର ପ୍ରଦେଶ ଗଠନ ଓ ଓଡ଼ିଆ ଭାଷା ସାହିତ୍ୟ ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଆଜିର ଯୁବପିଢ଼ି ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଭାଗବତୀ ବେହେରା, ସୁଜାତା ସାହୁ, ଶିକ୍ଷକ ଲାଲ ବାବୁ ଖାଁ, ସୁବୋଧ କୁମାର ସୋରେନ, ମୁଖ୍ୟ ଲିପିକ ମାନଗୋବିନ୍ଦ ସାମଲ, ଛାତ୍ରୀ ଯାଜ୍ଞସେନୀ ସାମଲ, ନିଗମାନନ୍ଦ ସାମଲ, ବୈଦ୍ୟନାଥ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।





# ସମ୍ପୂର୍ଣ୍ଣ ହୋଇପାରୁନି ଜେନାପୁର ବ୍ରିଜ୍

**ଯାଜପୁର ଅଫିସ,୩।୭**

ଯାଜପୁର ଜିଲା କୁଆଖିଆ-ଜେନାପୁର ରାସ୍ତାର ବ୍ରାହ୍ମଣୀ ନଦୀ ଉପରେ ନିର୍ମାଣାଧୀନ ହାଇଲେଭଲ ବ୍ରିଜ କାର୍ଯ୍ୟ ଶେଷ ହେବାର ନାଁ ଧରୁନି। କାର୍ଯ୍ୟ ଆରମ୍ଭ ହେବାର ଇତିମଧ୍ୟରେ ୮ ବର୍ଷ ବିତିଯାଇଛି । ହେଲେ ରାଜସ୍ୱ ବିଭାଗର ଆନ୍ତରିକତାର ଅଭାବ ଓ ଖାମଖିଆଲି ମନୋଭାବ ଯୋଗୁ ଜମି ଓ ଗଛ ବିବାଦ ସମାଧାନ ହୋଇ ପାରୁ ନ ଥିବାରୁ ଆଖପାଖ ୩୦ଖଣ୍ଡ ଗ୍ରାମବାସୀ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଜଣେ ବ୍ୟକ୍ତିଙ୍କ ଆଇନ ଖେଳରେ ପ୍ରଶାସନ ହାତ ଟେକି ଦେଇଛି। ଏଥିଯୋଗୁ ଦାୟିତ୍ୱରେ ଥିବା ଠିକାସଂସ୍ଥା ଓ ପୂର୍ତ୍ତ ବିଭାଗ କିଂକର୍ତ୍ତବ୍ୟବିମୁଢ଼ ହୋଇ ସମାଧାନ ବାଟକୁ ଅନାଇ ରହିଛନ୍ତି।



■ତୁଟୁନି ଜମି, ଗଛ ବିବାଦ
■ନିର୍ମାଣର ୮ ବର୍ଷ ବିତିଲା, ୨ ପିଲର ବାକି
■ଖୁବଶୀଘ୍ର ଆଇନ ଅନୁସାରେ କାର୍ଯ୍ୟ ଆରମ୍ଭ ହେବ- ପୂର୍ତ୍ତବିଭାଗ ଯନ୍ତ୍ରୀ

ବ୍ରାହ୍ମଣୀ ନଦୀ ଉପରେ ଜେନାପୁର ବ୍ରିଜ ନିର୍ମାଣ କାର୍ଯ୍ୟ ଦାୟିତ୍ୱ ୨୦୧୧-୧୨ ଆର୍ଥିକ ବର୍ଷରେ ଏଆର୍‌ଏସ୍‌ଏସ୍ ସହ ଚୁକ୍ତି ହୋଇଥିଲା। ଏଥିପାଇଁ ୪୪ କୋଟି ୬୫ ଲକ୍ଷ ୩୩ ହଜାର ୮୨୯ ଟଙ୍କା ନାବାର୍ଡ ଅନୁଦାନ ଆବଣ୍ଟିତ ହୋଇଥିଲା। ପୂର୍ବ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହା ଶେଷ ନ ହେବାରୁ ୨୮।୨।୨୦୧୮ ତାରିଖ ମଧ୍ୟରେ ବ୍ରିଜ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ବିଭାଗ ପକ୍ଷରୁ ହୋଇଥିଲା । ତେବେ ବ୍ରିଜ କାର୍ଯ୍ୟ ପ୍ରାୟ ଶେଷ ହେବାକୁ ବସିଛି । ସମୁଦାୟ ୩୪ଟି ପିଲର ମଧ୍ୟରୁ ୩୨ଟି ପିଲର ସମ୍ପୂର୍ଣ୍ଣ ହୋଇଛି। କିନ୍ତୁ ବ୍ରାହ୍ମଣୀ ନଦୀ କୂଳ ଜେନାପୁର ପଟକୁ ଥିବା ବ୍ରହ୍ମପୁର ଗ୍ରାମର ୩୩ ଡେସିମିଲ ଜମି ବିବାଦର ସମାଧାନ କରିବାକୁ ରାଜସ୍ୱ ବିଭାଗ ଆଦୌ ଆନ୍ତରିକତା ଦେଖାଉ ନାହିଁ। ପୂର୍ବରୁ ଜମିର ସବିଶେଷ ତଥ୍ୟ ଦାଖଲ କରାଯାଇଛି। ୨୦୧୮ ଜୁନ ମାସରେ ଜମି ମାଲିକଙ୍କୁ ଏଥିପାଇଁ ୧୦ଲକ୍ଷ ୬୫ ହଜାର ୪୬ ଟଙ୍କା ପ୍ରଦାନ କରିବାକୁ ବ୍ୟୟଅଟକଳ ପ୍ରସ୍ତୁତ ହୋଇଥିଲା। ଏଥିରେ ମାର୍କେଟ ଦର ୩,୮୯,୬୫୩ ଟଙ୍କା, ସହରପାଖ ଜମି ପାଇଁ ୭୭,୯୩୦ ଟଙ୍କା, ଗଛର ମୂଲ୍ୟ ବାବଦକୁ ୩୬,୮୮୪ ଟଙ୍କା, ଜମି ଅଧିଗ୍ରହଣ ଧାରା ୩୦(୫) ଅନୁସାରେ ଶତପ୍ରତିଶତ ୫,୦୪,୪୬୮ ଟଙ୍କା ଏବଂ ଅତିରିକ୍ତ ମାର୍କେଟ ଦର ବାବଦକୁ ୫୬,୧୧୦ ଟଙ୍କା ନିର୍ଦ୍ଧାରଣ ହୋଇଥିଲା। ତେବେ ଏହି ଦରରେ ଜମି ସତ୍ତ୍ୱାଧିକାରୀ ରାଜି ନ ହେଲେ ସରକାରଙ୍କ ଆଇନ ଅନୁସାରେ ବାଧ୍ୟତାମୂଳକ ଭାବେ ଜମି ଅଧିଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହାପରେ ବିଭାଗ ପକ୍ଷରୁ ଆବଶ୍ୟକ କ୍ଷତିପୂରଣ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। କିନ୍ତୁ କେଉଁ କାରଣରୁ ପୁଣି କାର୍ଯ୍ୟ ଅଟକି ରହିଛି ତାହା ବୁଝା ପଡୁନାହିଁ। ଗତବର୍ଷ ବର୍ଷା ପରେପରେ ଜେନାପୁର ବ୍ରିଜ ସମ୍ପୂର୍ଣ୍ଣ ହେବା ଆଶା କରାଯାଉଥିଲା। ଏହି ଖରା ପୂର୍ବରୁ ମଧ୍ୟ ଅଞ୍ଚଳବାସୀ ପୋଲ ଉପରେ ଯାତାୟାତ କରି ପାରିବେ ବୋଲି ବିଭାଗ ପକ୍ଷରୁ ପରେ ଦୃଢୋକ୍ତି ପ୍ରକାଶ ପାଇଥିଲା। ମାତ୍ର ତାହା ସମ୍ଭବ ହୋଇପାରିଲା ନାହିଁ। ଏସଂକ୍ରାନ୍ତରେ ପୂର୍ତ୍ତ ବିଭାଗର ନିର୍ବାହୀ ଅଧିକାରୀ ତାରାପ୍ରସାଦ ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି ଜମି ଓ ଗଛର ମାଲିକାନାଙ୍କୁ ନିର୍ଦ୍ଧାରିତ ଦର ଅନୁସାରେ କ୍ଷତିପୂରଣ ପ୍ରଦାନ କରାଯାଇ ସାରିଛି। ଏବେ ପୋଲ ଆଡ଼କୁ କେତୋଟି ଗଛ ଓହଳି ଥିବାରୁ ସେହି ଗଛ ଉପରେ ପୁଣି କ୍ଷତିପୂରଣ ଦାବି କରି ୧୪୪ ଧାରା ଜାରି କରାଯାଇଛି। ଖୁବଶୀଘ୍ର ଜିଲାପାଳଙ୍କ ସହିତ ଆଲୋଚନା କରି ଆଇନ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି କାମ ଶେଷ କରାଯିବ ବୋଲି ମିଶ୍ର ପ୍ରତିଶ୍ରୁତି ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଜନୈକ ବ୍ୟକ୍ତିଙ୍କ ଜମି ବିବାଦ ସମାଧାନ ହୋଇପାରୁ ନ ଥିବାରୁ ଆଖପାଖ ଲକ୍ଷାଧିକ ଲୋକଙ୍କ ଗମନାଗମନ ସୁବିଧା ପରାହତ ହେଉଛି। ଏପରିକି ନଦୀ ଅତିକ୍ରମଣ ହେଉଥିବା ସମୟରେ ଲୋକଙ୍କ ଜୀବନ ଯାଉଥିବା ନଜିର ରହିଛି। ଏହାସତ୍ତ୍ୱେ ରାଜସ୍ୱ ବିଭାଗ ଏଥିପ୍ରତି କଡ଼ା ଆଭିମୁଖ୍ୟ ପୋଷଣ ନ କରିବା କେତେକ ପ୍ରଭାବଶାଳୀ ଲୋକଙ୍କ ହୀନଚକ୍ରାନ୍ତ ବୋଲି ଆଲୋଚନା ହେଉଛି ।

## ଅଗ୍ନିକାଣ୍ଡରେ ମହିଳାଙ୍କ ମୃତ୍ୟୁ ଘଟଣା: ସ୍ୱାମୀ ଗିରଫ

**ଦଶରଥପୁର,୩।୭(ଡିଏନ୍ଏ)**

ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମର ସତ୍ୟବ୍ରତ ଯେନାଙ୍କ ଘରେ ଗତ ୨୮ ତାରିଖ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ୨ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଥିବାବେଳେ ସତ୍ୟବ୍ରତଙ୍କ ସ୍ତ୍ରୀ ପଦ୍ମିନୀ ପୋଡି ହୋଇ ମୃତ୍ୟୁବରଣ କରିଥିଲେ। ତେବେ ଏହି ଅଗ୍ନିକାଣ୍ଡ ସ୍ୱାଭାବିକ ନୁହେଁ, ଏହା ଏକ ପୂର୍ବ ପ୍ରସ୍ତୁତ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପଦ୍ମିନୀଙ୍କ ବାପା ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ପଦ୍ମିନୀଙ୍କ ସ୍ୱାମୀ ସତ୍ୟବ୍ରତଙ୍କୁ ବୁଧବାର ଗିରଫ କରିଛି। ଥାନା ପକ୍ଷରୁ ଏ ନେଇ ଏକ ମାମଲା (ନଂ.୧୬୨/୧୯) ରୁଜୁ ହୋଇଥିଲା। ଗୁରୁବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଜଣାପଡ଼ିଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ବରୀ ବିଧାୟିକାଙ୍କୁ ସମ୍ବର୍ଦ୍ଧନା

**ରସୁଲପୁର,୩।୭(ଡି.ଏନ୍.ଏ.):** ରସୁଲପୁର ବ୍ଲକରୁ ବରୀ ନିର୍ବାଚନମଣ୍ଡଳୀରେ ସାମିଲ ହୋଇଥିବା ୧୦ଗୋଟି ପଞ୍ଚାୟତର ବିଭିନ୍ନ ସ୍ଥାନରେ ବରୀ ବିଧାୟିକା ସୁନନ୍ଦା ଦାସଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି କ୍ରମରେ ବୁଧବାର ମହେଶ୍ୱରପୁର ପଞ୍ଚାୟତରେ ବିଧାୟିକା ଦାସଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏଥିସହିତ ମହେଶ୍ୱରପୁର ପଞ୍ଚାୟତର ଯୁବନେତା ଅକ୍ତର ଅଲ୍ଲୀ(ଆବୁଲା)ଙ୍କ ନେତୃତ୍ୱରେ ଚାନ୍ଦପୁର ମେଡିକାଲଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ବିଧାୟିକାଙ୍କୁ ପଞ୍ଚାୟତ ପରିକ୍ରମା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଧାୟିକାଙ୍କ ସହ ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ଦେବେନ୍ଦ୍ର ଦାସ, ସରପଞ୍ଚ ସନ୍ତୋଷ ସାମଲ, ବିଜୟ ଦାସ, ଜାକିର ହୋସେନ୍, ରାକେଶ ଦେଓ, ଅଟଳ ଦାସ, ଜୁଲ୍‌ଫୁକର ଅଲ୍ଲୀ, ସେକ୍ ଇକ୍‌ବାଲ୍ ଅହମ୍ମଦ ଖାଁ, ସେକ୍ ନସିମ୍, ସେକ୍ ଜାଫର, ସେକ୍ ଗୁଡ୍ଡୁ, ଜମିର୍ ଉଦ୍ଦିନ୍ ଖାଁ, ଅବ୍‌ଦୁଲ୍ ଖାଲିକ୍ ଓ ନିରଞ୍ଜନ ବାରିକଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ସାମିଲ ହୋଇଥିଲେ।

### ଯୁକ୍ତ ୨ ପ୍ରଥମ ପର୍ଯ୍ୟାୟ ନାମ ଲେଖା ଆରମ୍ଭ
### ବହୁ ଛାତ୍ରୀଛାତ୍ର ବଞ୍ଚିତ

**ଧର୍ମଶାଳା,୩।୭(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକରେ ଥିବା ୭ ଜୁନିୟର ଯୁକ୍ତ ୨ କଲେଜରେ ବୁଧବାର ପ୍ରଥମ ପର୍ଯ୍ୟାୟ ନାମ ଲେଖା ଆରମ୍ଭ ହୋଇଛି। ପ୍ରଥମ ଦିନରେ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ୮୬୦ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪୨୫ଜଣ ନାମ ଲେଖାଇଛନ୍ତି। ସେହିପରି ୩ ସଂସ୍କୃତ ମହାବିଦ୍ୟାଳୟରେ ୧୦୪ ଜଣଙ୍କ ମଧ୍ୟରୁ ମାତ୍ର ୩୫ ଜଣ ନାମ ଲେଖାଇଛନ୍ତି । ଯୁକ୍ତ ୨ରେ ପ୍ରଥମ ପର୍ଯ୍ୟାୟ ନାମଲେଖା ପାଇଁ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀ ୩ରୁ ୬ ତାରିଖ ମଧ୍ୟରେ ନାମ ଲେଖାଇ ବାକୁ ନିର୍ଦ୍ଦେଶ ରହିଥିଲା। ତେବେ ନାମ ଲେଖାଇବା ପାଇଁ ଏତେ କମ୍ ସମୟ ମଧ୍ୟରେ ଇଣ୍ଟିମେଶନ କାଢ଼ିବାରେ ଛାତ୍ରୀଛାତ୍ର ବହୁ ସମସ୍ୟାର ସମ୍ମୁଖୀନ ହୋଇଥିବା ଅଭିଯୋଗ କରିଛନ୍ତି। ସର୍ଭର ଲୋ ରହିଥିବାରୁ ୱେବ୍ ସାଇଟ ଖୋଲି ନ ଥିଲା ଫଳରେ ବହୁ ଛାତ୍ରୀଛାତ୍ର ନାମ ଲେଖାଇ ପାରି ନ ଥିବା କହିଛନ୍ତି। ତେବେ ଧର୍ମଶାଳା ମହାବିଦ୍ୟାଳୟରେ କଳାରେ ୮୫ଜଣଙ୍କ ମଧ୍ୟରୁ ୬୨ ଜଣ, ବିଜ୍ଞାନରେ ୯୫ରୁ ୬୯, ବାଣିଜ୍ୟରେ ୩୩ରୁ ୨୪ ଜଣ ନାମ ଲେଖାଇଛନ୍ତି। ମୁକୁନ୍ଦ ପାତ୍ର କଲେଜରେ କଳାରେ ୮୦ରୁ ୪୭, ବିଜ୍ଞାନରେ ୭୭ରୁ ମାତ୍ର ୮ ଜଣ ଜଗନ୍ନାଥଜିଉ ମହାବିଦ୍ୟାଳୟରେ କଳାରେ ୮୫ରୁ ୪୦, ବିଜ୍ଞାନରେ ୨୫ରୁ ୧୦ଜଣ ନାମ ଲେଖାଇଛନ୍ତି। ଧର୍ମଶାଳା ମହିଳା ମହାବିଦ୍ୟାଳୟରେ କଳାରେ ୬୪ରୁ ୨୮ ଓ ବଜ୍ରଗିରି କଲେଜରେ କଳାରେ ୧୦୬ରୁ ୪୪, ବିଜ୍ଞାନରେ ୬୪ରୁ ୨୭, ଜେନାପୁର କଲେଜରେ କଳାରେ ୮୫ରୁ ୩୬, ରେନେସା ମହାବିଦ୍ୟାଳୟରେ ବିଜ୍ଞାନରେ ୬୧ରୁ ୩୦ଜଣ ଛାତ୍ରୀଛାତ୍ର ନମା ଲେଖିଥିବା ଧର୍ମଶାଳା ମହାବିଦ୍ୟାଳୟ ଅଧକ୍ଷ ଶୁଭ୍ରାଂଶୁ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ବାରବାଟି ସଂସ୍କୃତ ମହାବିଦ୍ୟାଳୟରେ ୫୧ରୁ ୧୬ଜଣ, ନରସିଂହପୁରସ୍ଥିତ ଦଧିବାମନଜୀଉ ମହାବିଦ୍ୟାଳୟରେ ୩୧ରୁ ୧୦ଜଣ ଓ କୋତପୁରସ୍ଥିତ ସାରଦା ସଂସ୍କୃତ ମହାବିଦ୍ୟାଳୟରେ ୨୨ରୁ ୯ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି।

## ବିଧାନସଭା ଗୃହ କମିଟି ଗସ୍ତକୁ ବର୍ଷେ ପୂରିଲା
# ପାଳନ ହୋଇପାରୁନି ପ୍ରତିଶ୍ରୁତି

- ବଦଳିଲାନି କଳିଙ୍ଗନଗରର ଚିତ୍ର
- ରାସ୍ତା, ବିସ୍ଥାପିତ କଲୋନୀ ବିପର୍ଯ୍ୟସ୍ତ
- ସ୍ଥାନୀୟ ନିଯୁକ୍ତି ସମସ୍ୟା ବଳବତ୍ତର

**ଯାଜପୁର ଅଫିସ,୩।୭**

ବିଧାନସଭା ଗୃହ କମିଟିର କଳିଙ୍ଗନଗର ଗସ୍ତକୁ ୧ ବର୍ଷ ପୂରିଛି। ଇତିମଧ୍ୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇ ରାଜ୍ୟରେ ପୁଣି ବିଜେଡି ସରକାର ଗଢ଼ିଛି। ବିଧାନସଭା ଗୃହ କମିଟିରେ ଯେଉଁମାନେ ସଦସ୍ୟ ରହିଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ପୁଣି ଥରେ ନିର୍ବାଚିତ ହୋଇଛନ୍ତି । ଗୃହ କମିଟିର ସଭ୍ୟାସଭ୍ୟମାନେ ନିର୍ବାଚନ ପୂର୍ବରୁ କଳିଙ୍ଗନଗର ବିସ୍ଥାପିତ ଓ ପ୍ରଭାବିତ ଲୋକଙ୍କ ପାଇଁ ଯେଉଁସବୁ ଗଦାଗଦା ପ୍ରତିଶ୍ରୁତି ଦେଇଥିଲେ ସେଥିମଧ୍ୟରୁ ଗୋଟିଏ ବି ପୂରଣ ହୋଇ ପାରିନାହିଁ । ସ୍ଥା A ନୀୟ ନିଯୁକ୍ତି ନାମରେ କିଛି ଅଣକୁଶଳୀ ଶ୍ରମିକଙ୍କୁ ନିଯୁକ୍ତି ଦେଇ ଶିଳ୍ପ କମ୍ପାନୀମାନେ ଓଡ଼ିଶାକୁ ଠକି ଚାଲିଛନ୍ତି। ଏନେଇ ଧରିତ୍ରୀରେ ପ୍ରଥମ ପୃଷ୍ଠାରେ ଗତ ମାର୍ଚ୍ଚ ମାସ ୪ତାରିଖରେ ଏକ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇବା ପରେ ଚଳିତ ବିଧାନସଭାରେ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସରକାରଙ୍କ ଗେହ୍ଲାପୁଅ ବୋଲାଉଥିବା ଶିଳ୍ପ କମ୍ପାନୀଗୁଡିକ କାହାକୁ ନ ମାନି କିଛି ମୁଷ୍ଟିମେୟ ଓ ରାଜ୍ୟ ବାହାର ଠିକାଦାରଙ୍କୁ କାର୍ଯ୍ୟରେ ନିୟୋଜିତ କରି ସ୍ୱାର୍ଥ ହାସଲ କରିବାରେ ଲାଗିଛନ୍ତି।



ଯାହାଫଳରେ ସ୍ଥାନୀୟ ଲୋକଙ୍କ ଆର୍ଥିକ ଅଭିବୃଦ୍ଧି ହୋଇ ପାରୁନାହିଁ। ୨୫ ବର୍ଷ ଧରି ଲୋକେ ପ୍ରଦୂଷଣ ଜ୍ୱାଳାରେ ଜର୍ଜରିତ ହେବା ସହ ଜୀବିକା ହରାଇଛନ୍ତି। ଲୋକେ ଭିଟାମାଟିରୁ ଉଚ୍ଛେଦ ହୋଇଛନ୍ତି, ଜଙ୍ଗଲ କଟିଛି, ଚାଷ ଜମି ସଂକୁଚିତ ହୋଇଛି, ନଦୀ, ନାଳା ପାଣି ଶିଳ୍ପ ଶୋଷିଛି ଆଦି ସମସ୍ୟାରେ ବିସ୍ଥାପିତ ବୃଦ୍ଧି ହେଉଛନ୍ତି। ଏପରି କି ନିଜ ଜମିରେ ଘର କରି ରହୁଥିବା ବେଳେ ଘର ପାର୍ଶ୍ୱରେ ଜୋର ଜବରଦସ୍ତ ଶିଳ୍ପ କାରଖାନାର ରେଳଲାଇନ ବିଛାଯାଇ ଲୋକଙ୍କୁ ହଇରାଣ କରାଯାଉଛି। ଏହାକୁ ଅନୁଧ୍ୟାନ କଲେ ୨୦୧୮ ଜୁଲାଇ ୨ ଓ ୩ ତାରିଖରେ ବିଧାନସଭା ଗୃହ କମିଟିର ଗସ୍ତ କେବଳ ରାଜନୈତିକ ପ୍ରଣୋଦିତ ରହିଥିଲା ବୋଲି ସ୍ପଷ୍ଟ ହୋଇଛି।

ଖଣି ଓ ଶିଳ୍ପ କାରଖାନା ପ୍ରଭାବିତ ଓ ବିସ୍ଥାପିତଙ୍କ ଦୁଃଖଲାଘବ ନ କରି ନିର୍ବାଚିତ ଲୋକପ୍ରତିନିଧିମାନେ କେବଳ ଲୋକ ଦେଖାଣିଆ ଭାବେ ଶିଳ୍ପ ବିରୋଧୀ ମତ ଦେଇଥିଲେ। ବିଧାନସଭା ଗୃହ କମିଟିର କଳିଙ୍ଗନଗରର ବିଭିନ୍ନ ଅଞ୍ଚଳ ଗସ୍ତ ପରେ ତତ୍କାଳୀନ ଉପବାଚସ୍ପତି ସୁଦାମ ମାରାଣ୍ଡିଙ୍କ ଅଧ୍ୟକ୍ଷତାରେ ନୀଳାଚଳ ହାଉସରେ ଗୃହ କମିଟିର ସମୀକ୍ଷା ହୋଇଥିଲା। ବିଡ଼ମ୍ବନା ଯେ, ନୀଳାଚଳ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି)ଙ୍କୁ ବାଦ୍ ଦେଲେ ସେଠାରେ କୌଣସି କମ୍ପାନୀର ଏମଡି ଉପସ୍ଥିତ ନ ଥିଲେ। ଏଥିରୁ କଳିଙ୍ଗନଗର ଶିଳ୍ପ ମାଲିକମାନେ ଗୃହ କମିଟିକୁ କେତେ ଗୁରୁତ୍ୱ ଦେଲେ ତାହା ଜଳଜଳ ହୋଇ ଦିଶିଥିଲା। କମିଟିର ଗସ୍ତ ଅବସରରେ କଳିଙ୍ଗନଗର ଶିଳ୍ପାଞ୍ଚଳର ତ୍ରିଜଙ୍ଗା କଲୋନୀ, ବରପାଳ, ଟାଙ୍ଗରସାହି, ଚାନ୍ଦିଆ, ଅରାସାହି, ସାରଙ୍ଗପୁର, କୁଡୁମୀସାହି, ଗୋବରଘାଟି, ସଂସାଇଲୋ, ଭିତରମାଣିଆ ଗ୍ରାମକୁ ଯାଇଥିଲେ। ଏହି ସବୁ ସ୍ଥାନରେ ସ୍କୁଲ, ରାସ୍ତା, ପାଣି, ସ୍ୱାସ୍ଥ୍ୟ, ପ୍ରଦୂଷଣ ଆଦି ସମସ୍ୟା ଲାଗି ରହିଥିବା ସେମାନେ ଦେଖିବାକୁ ପାଇଥିଲେ। ଏହାବାଦ କଳିଙ୍ଗନଗରରେ ଗତ ଏକ ବର୍ଷ ମଧ୍ୟରେ ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ଛଟେଇ ହୋଇ ସାରିଛନ୍ତି। ନିୟମିତ କର୍ମଚାରୀ ଛଟେଇ ସଂଖ୍ୟା ମଧ୍ୟ ପ୍ରାୟ ୩ହଜାରକୁ ଛୁଇଁଲାଣି। ଖୁରୁଣ୍ଟି ତ୍ରିଜଙ୍ଗା ପୁର୍ନବସତି କଲୋନୀବାସୀଙ୍କ ଦୁର୍ଦ୍ଦଶା ପିଛା ଛାଡୁନି। ଦାନଗଦୀ ବ୍ଲକ ଚାନ୍ଦିଆ ପଞ୍ଚାୟତ କଳାମାଟିଆ ଗ୍ରାମର ବିସ୍ଥାପିତ ୩୦ ପରିବାରଙ୍କୁ ଏଯାଏ କ୍ଷତିପୂରଣ ମିଳିନି। ତ୍ରିଜଙ୍ଗାରେ ମୌଳିକ ସମସ୍ୟା ପହଞ୍ଚି ପାରୁନାହିଁ । ସାରଙ୍ଗପୁର, କୁଡୁମୀସାହି ପ୍ରଭୃତି ଅଞ୍ଚଳବାସୀଙ୍କ ବିସ୍ଥାପନ ଦାବି ପୂରଣ ହୋଇପାରୁ ନାହିଁ। ଗୋବରଘାଟି, ସଂସାଇଲୋ ବିସ୍ଥାପିତ କଲୋନୀବାସୀଙ୍କ ମୁହଁରେ ହସ ନାହିଁ। ରାସ୍ତାଘାଟ ବିପର୍ଯ୍ୟସ୍ତ ଭଳି ଅନେକ ସମସ୍ୟାର ସମାଧାନ କରାଯିବ ବୋଲି କମିଟି ପ୍ରତିଶ୍ରୁତି ଦେଇଥିଲା । ଏପରିକି କର୍ପୋରେଟ ସାମାଜିକ ଦାୟିତ୍ୱ(ସିଏସ୍ଆର) ପାଣ୍ଠିକୁ ଏବେ ପ୍ରଶାସନ ପରିଚାଳନା କରିବାକୁ ଥିବାରୁ ବିସ୍ଥାପିତଙ୍କ ବିଭିନ୍ନ ସମସ୍ୟା ଦୂରିଭୂତ ହୋଇପାରିବ ବୋଲି କମିଟି ଆଶ୍ୱାସନା ଦେଇଥିଲା । ହେଲେ ଏହିସବୁ ପ୍ରତିଶ୍ରୁତି ମଧ୍ୟ ଧୂଆଁବାଣ ହୋଇଛି । ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି ଗୃହ କମିଟିର ନିଷ୍ପତ୍ତି ଅନୁସାରେ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ହୋଇଛି। କେତେକ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଆଉ କେତେକ ପ୍ରକଳ୍ପ ହାତକୁ ନିଆଯାଇଛି। ବିସ୍ଥାପିତ ଓ ପ୍ରଭାବିତ ଲୋକଙ୍କ ସମସ୍ୟାର ସମାଧାନ କରିବା ଦିଗରେ ପ୍ରଶାସନ ତତ୍ପର ରହିଛି ବୋଲି ମିଶ୍ର କହିଛନ୍ତି।

### ଏସ୍‌ପିଙ୍କ ପ୍ରତିଶ୍ରୁତି ପରେ ଅର୍ଥନୈତିକ ଅବରୋଧ ପ୍ରତ୍ୟାହୃତ

**ସୁକିନ୍ଦା,୩।୭(ଡି.ଏନ୍.ଏ.)**

ଖଣି ଅଞ୍ଚଳରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ଦାବିରେ ଗୁରୁବାର ଅର୍ଥନୈତିକ ଅବରୋଧ ନେଇ ସୁକିନ୍ଦା ଓ କୁହିକା ଟ୍ରକ୍ ମାଲିକ ସଂଘ ଚେତାବନୀ ଦେଇଥିଲା। ଏ ନେଇ ବୁଧବାର ସନ୍ଧ୍ୟାରେ କଳିଙ୍ଗନଗର ଅତିରିକ୍ତ ଏଏସ୍‌ପି ରାଜ କିଶୋର ଦୋରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କୁହିକା ସମେତ ଡୁବୁରି,ବାରାଗାଡିଆ ସହ ବହୁ ଟ୍ରକ୍ ମାଲିକ ଉପସ୍ଥିତ ଥିଲେ। ବୈଠକରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିୟମକୁ କଡାକଡି ପାଳନ କରିବା ପାଇଁ ଏସ୍‌ପି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଆସନ୍ତା ଅଗଷ୍ଟ ୧୦ ତାରିଖରେ ଦ୍ୱିପାକ୍ଷିକ ଆଲୋଚନା ହେବ। ସେ ପର୍ଯ୍ୟନ୍ତ ସ୍ଥାନୀୟ ଥାନାଅଧିକାରୀଙ୍କ ତତ୍ତ୍ୱାବଧାନରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଅର୍ଥନୈତିକ ଅବରୋଧ ପତ୍ୟାହୃତ କରାଯାଇଥିବା ସୂଚନା ଦିଆଯାଇଛି। ବୈଠକରେ କୁହିକା ଟ୍ରକ୍ ମାଲିକ ସଂଘର ସମ୍ପାଦକ ଅରୁଣ କୁମାର ପରିଡା, ମନୋଜ କୁମାର ନାୟକ, ସୁଦର୍ଶନ ପାତ୍ର, ରସାନନ୍ଦ ନାୟକଙ୍କ ସହ ଏକାଧିକ ଟ୍ରକ ମାଲିକ ଉପସ୍ଥିତ ଥିଲେ।

### ଡେଙ୍ଗୁ, ଡାଇରିଆ, ମ୍ୟାଲେରିଆ ସଚେତନତା ବୈଠକ



ସଚେତନତା ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ଯାଜପୁର ଅଫିସ,୩।୭–**

ବର୍ଷାଦିନେ ପ୍ରାୟତଃ ଡେଙ୍ଗୁ, ଡାଇରିଆ ଓ ମ୍ୟାଲେରିଆ ରୋଗ ବ୍ୟାପିଥାଏ । ତେଣୁ ଏହି ରୋଗଗୁଡ଼ିକ ପ୍ରତି ଲୋକେ ସଚେତନ ନ ହେଲେ ତାହାର ସଂକ୍ରମଣ ଅଧିକ ହୋଇ ମାରାତ୍ମକ ହୋଇପାରେ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ମତବ୍ୟକ୍ତ କରିଛନ୍ତି। ବୁଧବାର ଜିଲାସ୍କୁଲ ପରିସରରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ରୋଗ ସଂକ୍ରାନ୍ତରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥିଭାବେ ଯୋଗଦେଇ ସେଠୀ କହିଥିଲେ ବ୍ୟାପକ ସଚେତନତା ଓ ପରିବେଶକୁ ସ୍ୱଚ୍ଛ ରଖିବାର ମାନସିକତା ଏହି ମାରାତ୍ମକ ରୋଗ ଦାଉରୁ ରକ୍ଷା କରାଯାଇପାରିବ। ବରିଷ୍ଠ ସାମ୍ବାଦିକ ଆନନ୍ଦଚନ୍ଦ୍ର ସାହୁ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ କାହ୍ନୁଚରଣ ନାୟକ, ଡିପିଏଚ୍‌ସିଓ କାର୍ତ୍ତିକଚନ୍ଦ୍ର ନାୟକ, ଏଡିପିଏଚ୍‌ସିଓ ବିଶିକେଶନ ମହାପାତ୍ର, ସୁନିଲ ମହାନ୍ତ, ଲୋପାମୁଦ୍ରା ଦାସ, ଗୋବିନ୍ଦ ଦେ, ସମ୍ବିତ ଭୋଳ, ସୌମ୍ୟରଞ୍ଜନ ନନ୍ଦ, ଏମଡି ଜାକି ଆଲମ ପ୍ରମୁଖ ଯୋଗଦେଇ ବିବିଧ ସଚେତନତା ବାର୍ତ୍ତା ଦେଇଥିଲେ। ପୂର୍ବରୁ ଏଥିପାଇଁ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

### ଅଗଷ୍ଟ ୧୮ରେ ସେନା ନିଯୁକ୍ତି ମେଳା

**ଯାଜପୁର ଅଫିସ,୩।୭**

ସେନାରେ ଯୋଗଦାନ ପାଇଁ ଚଳିତ ବର୍ଷ ଜୁନ ୧୯ ରୁ ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ ମାଧ୍ୟମରେ ଆବେଦନ ପତ୍ର ଗ୍ରହଣ କରାଯାଉଛି ବୋଲି ଆର୍ମି ରିକ୍ରୁଟମେଣ୍ଟର ନିର୍ଦ୍ଦେଶକ କର୍ଣ୍ଣେଲ ଆଶିଷ ମୋହନ ତ୍ରିଖା ଯାଜପୁର ଜିଲାପାଳଙ୍କୁ ଅବଗତ କରାଇଛନ୍ତି । ଉପକୂଳବର୍ତ୍ତୀ ୧୦ଟି ଜିଲା ପାଇଁ ସୋଲଜର ଜେନେରାଲ ଡ୍ୟୁଟି, ସୋଲଜର ଟେକ୍‌ନିକାଲ, ସୋଲଜର ନର୍ସିଂ ଆସିଷ୍ଟାଣ୍ଟ, ସୋଲଜର ଟ୍ରେଡ୍‌ସମ୍ୟାନ, ସୋଲଜର କ୍ଲର୍କ ଷ୍ଟୋରକିପର ଟେକ୍ନିକାଲ ପଦବୀ ପାଇଁ ନିଯୁକ୍ତି ମେଳା ପାରାଦୀପଠାରେ ଆସନ୍ତା ଅଗଷ୍ଟ ୧୮ ରୁ ୨୪ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ତେଣୁ ବର୍ତ୍ତମାନ ଅନଲାଇନ ମାଧ୍ୟମରେ ଆବେଦନ କରିବାକୁ ପଡୁଛି । ଯାହାର ୱେବ୍‌ସାଇଟ ହେଉଛି www.joinindianarmi.nic.in । ଯୋଗ୍ୟ ଆବେଦନକାରୀଙ୍କୁ ନିଯୁକ୍ତି ମେଳାର ୧୦-୧୫ ଦିନ ପୂର୍ବରୁ ସେମାନଙ୍କ ମେଲ୍‌ରେ ଆଡମିଟ କାର୍ଡ ପ୍ରେରଣ କରାଯିବ ବୋଲି କର୍ଣ୍ଣେଲ ତ୍ରିଖା ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ସୂଚନା ଦେଇଛନ୍ତି। ସେନାରେ ଯୋଗଦାନ ପ୍ରକ୍ରିୟା ସ୍ୱଚ୍ଛ ପ୍ରକ୍ରିୟାରେ ଆୟୋଜିତ ହେବାକୁ ଯାଉଛି ଏବଂ କୌଣସି ଆବେଦନକାରୀ ମଧ୍ୟସ୍ଥ କିମ୍ବା ଦଲାଲମାନଙ୍କ ଆଶ୍ରିତ ନ ହେବା ପାଇଁ ତ୍ରିଖା ଅନୁରୋଧ କରିଛନ୍ତି।

### ଜାତୀୟ ରାଜପଥରେ କଳା ପଲ୍‌ସର ଆତଙ୍କ
## ବନ୍ଧୁକ ଦେଖାଇ ସୁନାଗହଣା, ଟଙ୍କା ଲୁଟ

**ଯାଜପୁର ଅଫିସ,୩।୭**

କଟକ-ଭଦ୍ରକ ୧୬ ନମ୍ବର ଜାତୀୟ ରାଜପଥ ଲୁଟେରାଙ୍କ ଚରାଭୂଇଁ ପାଲଟିଛି । ଏହି ଜାତୀୟ ରାଜପଥର ବୈତରଣୀ ବ୍ରିଜ ଗଡାଣିଆ ନିକଟରେ ବୁଧବାର ଅପରାହ୍ନ ୨ଟା ୨୦ ମିନିଟ ସମୟରେ କଳା ପଲ୍‌ସର ବାଇକରେ ଆସି ୩ ଜଣ ଲୋକ କାରରେ ଥିବା ଲୋକଙ୍କୁ ମାରଣାସ୍ତ୍ର ଦେଖାଇ ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ଏସଂକ୍ରାନ୍ତରେ ଧନତ୍ରୀ ଗ୍ରାମର ମନୋରଞ୍ଜନ ସାହୁ ପାଣିକୋଇଲି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପାଣିକୋଇଲି ପୋଲିସ ଏକ ମାମଲା(ନଂ.୧୨୦/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ଅଭିଯୋଗ ଅନୁଯାୟୀ ମନୋରଞ୍ଜନଙ୍କ ଶଳା ଭଦ୍ରକ ଜିଲା ମୁଣ୍ଡପଠାପୁର ଗ୍ରାମର ଦିପୁନ କୁମାର ସାହୁ ତାଙ୍କ ଭଉଣୀଙ୍କୁ ନେବାକୁ ଧନତ୍ରୀ ଗ୍ରାମକୁ ଆସିଥିଲେ । ଏକ କାର ଯୋଗେ ଭଉଣୀ ଜ୍ୟୋତିପ୍ରଭା ସାହୁଙ୍କୁ ଘରକୁ ନେଉଥିବାବେଳେ ୧୬ ନମ୍ବର ଜାତୀୟ ରାଜପଥର ବୈତରଣୀ ବ୍ରିଜ ନିକଟରେ ଏକ ପଲ୍‌ସର ବାଇକରେ ୩ ଜଣ ଆସି କାରକୁ ଅଟକାଇଥିଲେ। କାରର ଡ୍ରାଇଭର ତରଣୀ ଜେନାଙ୍କୁ ବନ୍ଧୁକ ଓ ଛୁରା ଦେଖାଇ ୪ଟି ସୁନାହାର, ୨ଟି ମଙ୍ଗଳସୂତ୍ର, ୪ହଳ ସୁନା ଶଙ୍ଖ, ୫ଟି ସୁନାମୁଦି ଓ ୧ହଳ କାନଫୁଲ ସମେତ ୨ ହଜାର ଟଙ୍କା, ଏଟିଏମ, ପାନକାର୍ଡ ଓ ଡ୍ରାଇଭିଂ ଲାଇସେନ୍ସ ଲୁଟି ନେଇଥିଲେ। ଏହାକୁ ଦିପୁନ ବିରୋଧ କରିବାରୁ ତାଙ୍କୁ ଛୁରା ମାଡ଼ କରି ଲହୁଲୁହାଣ କରି ଦେଇଥିଲେ। ପାଣିକୋଇଲି ଥାନାରେ ଏନେଇ ଅଭିଯୋଗ ହେବା ପରେ ଆଇଆଇସି ଅଜୟ କୁମାର ଜେନା କହିଛନ୍ତି ସୁରକ୍ଷା ଦୃଷ୍ଟିରୁ ବୈତରଣୀ ବ୍ରିଜ ନିକଟରେ ପାଟ୍ରୋଲିଂ ବ୍ୟବସ୍ଥାକୁ ଆହୁରି କଡାକଡି କରାଯିବ ।



ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।

### ବନ ମହୋତ୍ସବରେ ଛାତ୍ରୀଛାତ୍ରଙ୍କ ବୃକ୍ଷରୋପଣ

**ବରୀ,୩।୭(ଡି.ଏନ୍.ଏ.):** ବରୀ ବ୍ଲକ ଅଧୀନ ମଧୁସୂଦନପୁର ନୋଡାଲ ଉ.ପ୍ରା. ବିଦ୍ୟାଳୟ ପରିସରରେ ବୁଧବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲାବେଳେ ସଚେତନତା ପାଇଁ ଗ୍ରାମ ପରିକ୍ରମା କରାଯାଇଥିଲା। ଏ ନେଇ ଏକ ସଭା ପ୍ରଧାନଶିକ୍ଷକ ଲକ୍ଷ୍ମଣ ଜାମୁଦାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ପଣ୍ଡା, ମୁଖ୍ୟବକ୍ତା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅନ୍ତର୍ଯ୍ୟାମୀ ସାମଲ, ଅନ୍ୟତମ ଅତିଥି ଆତଙ୍କନାଶନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତାପ କୁମାର ମଲ୍ଲିକ୍, ଅଙ୍ଗାଲୋ ସିଆର୍‌ସିସି ନିକୁଞ୍ଜ ପାତ୍ର, ଶିକ୍ଷକ ମଳୟ କୁମାର ରାୟ, କରୁଣାକର ସାମଲ, ଦେବେନ୍ଦ୍ର ସୁତାର, ସରପଞ୍ଚ ଆଦରମଣୀ ସାମଲ, ସଞ୍ଜୟ କୁମାର ସାମଲ, ବିଜୟ କୁମାର ସାମଲ, ମନୋଜ ଦାସ, ତପନ କୁମାର ଦାସ ପ୍ରମୁଖ ଯୋଗଦେଇ ପରିବେଶ ପାଇଁ ବୃକ୍ଷର ଆବଶ୍ୟକତା ସଂକ୍ରାନ୍ତରେ ଆଲୋକପାତ କରିଥିଲେ।

## ଜାତୀୟ ଚିକିତ୍ସକ ଦିବସରେ ଯାଜପୁରର ୧୨ ଡାକ୍ତର ସମ୍ମାନିତ

**ଯାଜପୁର ଅଫିସ,୩।୭:** ଜାତୀୟ ଚିକିତ୍ସକ ଦିବସ ଅବସରରେ ଆମେ ଓଡ଼ିଆ ଓ କଟକ ସୁରକ୍ଷା କମିଟି ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ଯାଜପୁର ଜିଲାରେ କାର୍ଯ୍ୟରତ ୧୨ଜଣ ଡାକ୍ତରଙ୍କୁ ଚିକିତ୍ସକ ଗୌରବ ସମ୍ମାନ -୨୦୧୯ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। କଟକ କଳାବିକାଶ କେନ୍ଦ୍ରଠାରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ଏକ ବର୍ଣ୍ଣାଢ୍ୟ ସମାବେଶକୁ ଓଡ଼ିଶା ଉଚ୍ଚନ୍ୟାୟାଳୟର ପୂର୍ବତନ ବିଚାରପତି ମଦନ ମୋହନ ଦାସ ପ୍ରଦୀପ ଜାଳି ଶୁଭ ଉଦ୍‌ଘାଟନ କରିଥିଲେ। ସ୍ନାୟୁଶଲ୍ୟ ବିଶେଷଜ୍ଞ ପ୍ରଫେସର ସନାତନ ରଥ ମୁଖ୍ୟଅତିଥି, ସ୍ନାୟୁରୋଗ ବିଶେଷଜ୍ଞ ରବୀନ୍ଦ୍ରନାଥ ସାହୁ ମୁଖ୍ୟବକ୍ତା, ପଦ୍ମଶ୍ରୀ ପ୍ରକାଶ ଚନ୍ଦ୍ର ରାଉତ , ଆମେ ଓଡ଼ିଆ ମହାସଚିବ ଘନ ପରିଡା ଓ ଅଶୋକ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଉନ୍ନତ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ପାଇଁ ଡାକ୍ତରମାନଙ୍କୁ ପରାମର୍ଶ ଦେଇଥିଲେ। ଯାଜପୁର ଜିଲାର ଭେଷଜ ବିଶେଷଜ୍ଞ ମଦନ ମୋହନ ସାମଲ, ଗଙ୍ଗାଧର ମହାପାତ୍ର, ଶିଶୁରୋଗ ବିଶେଷଜ୍ଞ କିଶୋର ଚନ୍ଦ୍ର ମିଶ୍ର, ସୁପ୍ରକାଶ ଶତପଥୀ, ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ ନିରଞ୍ଜନ ପତି, ସର୍ବେଶ୍ୱର ଶତପଥୀ, ଗୋପାଳଚନ୍ଦ୍ର ମିଶ୍ର, ପ୍ରମୋଦ କୁମାର ଶତପଥୀ, ରଶ୍ମିରଞ୍ଜନ ପଶାୟତ, ସଞ୍ଜୟ କୁମାର ପ୍ରତିହାରୀ ଓ ପ୍ରକାଶ ଚନ୍ଦ୍ର ସାହୁଙ୍କୁ ଚିକିତ୍ସକ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଶିକ୍ଷକ ନେତା ସତ୍ୟାନନ୍ଦ ଦାସ ଓ ଯୁବ ସମାଜସେବୀ ଉମାକାନ୍ତ ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆମେ ଓଡ଼ିଆ ସଭାପତି ସରୋଜ ସିଂହ ଏଥିରେ ପୌରୋହିତ୍ୟ କରିଥିଲେ।



ଯାଜପୁର ଜଣେ ଡାକ୍ତରଙ୍କୁ ସମ୍ମାନୀତ କରାଯାଉଛି।

### ଖରିଫ ଫସଲକୁ ନେଇ ଅନିଶ୍ଚିତତା ଜାରି
# ସ୍ୱଳ୍ପ ମିଆଦୀ ଧାନ ଚାଷ ନୈରାଶ୍ୟଜନକ

**ରସୁଲପୁର,୩।୭(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅଞ୍ଚଳରେ ଖରିଫ ଫସଲକୁ ନେଇ ଅନିଶ୍ଚିତତା ଜାରି ରହିଛି । ବ୍ଲକରେ ସ୍ୱଳ୍ପ ମିଆଦି ଧାନ ଚାଷ ନୈରାଶ୍ୟଜନକ ରହିଛି। ଏବେ ବି ବ୍ଲକ ଅଞ୍ଚଳରେ ୪୦ ଶତକଡ଼ା ଧାନ ବିଲ ପଡ଼ିଆ ପଡ଼ିଛି। ହରଡ଼, ଅଦା, ହଳଦୀ, ମକା ଚାଷ ଲକ୍ଷ୍ୟ ଧାର୍ଯ୍ୟ ହେବା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲାସ୍ତରୀୟ ଷ୍ଟ୍ରାଟେଜି ମିଟିଂରେ କୃଷି ବିଭାଗ ପକ୍ଷରୁ କେବଳ ମନଗଢା ରିପୋର୍ଟ ପ୍ରଦାନ କରାଯାଉଛି। ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ମିଳିବାକୁ ନେଇ ଅନିଶ୍ଚିତତା ଜାରି ରହିଥିବାବେଳେ ଖରିଫ ଫସଲ ଆଶାନୁରୂପକ ହୋଇ ନ ପାରିବା ଚାଷୀଙ୍କ ଚିନ୍ତା ବଢ଼ାଇଛି।

୨୦୧୯-୨୦ କୃଷି ବର୍ଷର ଖରିଫ ଋତୁରେ ଧାନ ବିହନ ମିଳିଲା ନାହିଁ। ଏପରିକି ଧାନ ଚାଷ ଅବଧି ସରିଥିଲେ ବି ସ୍ୱଳ୍ପମିଆଦି ଧାନ ବିହନ ସରକାର ଚାଷୀଙ୍କୁ ଯୋଗାଇ ଦେଇପାରିଲେ ନାହିଁ। ଚାଷୀ ଅନ୍ୟ ଉପାୟ ନ ପାଇ ଗାଉଁଲି ବିହନକୁ ଆଶ୍ରା କରୁଛି। ଯାହାକୁ ନେଇ ଚାଷୀଙ୍କ ମହଲରେ ଘୋର ଅସନ୍ତୋଷ ଦେଖାଦେଇଛି । ମିଳିଥିବା ତଥ୍ୟ ଅନୁଯାୟୀ ଖରିଫ ଋତୁରେ ଧାନ, ଆଖୁ ଓ ଖରାଦିନିଆ ପନିପରିବା ଚାଷ କରାଯାଉଛି। ଚଳିତ ଖରିଫ ଋତୁରେ ଏହି ବ୍ଲକ ଅଞ୍ଚଳରେ ୨୭ହଜାର ଏକର ଜମିରେ ଧାନଚାଷ କରାଯାଉଛି। ସେଥିମଧ୍ୟରୁ ଉଚ୍ଚ ଉତ୍ପାଦନକ୍ଷମ ଧାନ ୨୧ହଜାର ହେକ୍ଟର ଜମିରେ ଚାଷ କରାଯାଉଥିବାବେଳେ ଦୀର୍ଘ ମିଆଦି ଧାନ ହଜାର ଏକର ଜମିରେ ଚାଷ ହେଉଛି। ୨୫୦ଏକର ଜମିରେ ସରକାରୀ ଭାବରେ ଧାଡ଼ିରୁଆ ଧାନ ଚାଷ ହେଉଛି ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଚାଷୀମାନଙ୍କୁ ଉଚ୍ଚ ଉତ୍ପାଦନକ୍ଷମ ଧାନ ଚାଷ ପାଇଁ ସରକାର ବିହନ ଯୋଗାଇ ଥାଆନ୍ତି। ବିହନ ନିଗମ, କୃଷି ଓ ସମବାୟ ବିଭାଗ ପକ୍ଷରୁ ଚାଷୀଙ୍କୁ ସହାୟତା ପ୍ରଦାନ ଯୋଜନା ଫେଲ୍ ମାରିଛି। ଏହି ଅଂଚଳର ଚାଷୀ ଅଧିକ ଅମଳକ୍ଷମ ଧାନ ବିହନ ଭାବରେ ଖଣ୍ଡଗିରି, ଉଦୟଗିରି, ସହଭାଗୀ ଆଦି କିସମର ଧାନ ବିହନକୁ ବହୁଳ ଭାବରେ ବ୍ୟବହାର କରିଥାଆନ୍ତି। ଏହି ଧାନ ବିହନ ଚାଷୀଙ୍କୁ ମିଳି ନ ଥିବାରୁ ଅମଳ ପ୍ରଭାବିତ ହେବାର ଅଧିକ ସମ୍ଭାବନା ରହିଛି। ଚାଷୀ ନିଜ ଭିତରେ ଧାନ ବିହନ ଅଦଳ ବଦଳ କରି ପାରମ୍ପରିକ ନୀତିରେ ଚାଷ କାର୍ଯ୍ୟ ଜାରି ରଖିଛି। ଉନ୍ନତ କିସମର ବିହନ ନ ମିଳିବା ଓ ପାଣିପାଗର ଅସ୍ଥିରତା ଯୋଗୁ ଶହଶହ ହେକ୍ଟର ଧାନ ଜମି ଏବେ ବି ପଡ଼ିଆ ପଡ଼ିଥିବା ଦେଖାଯାଇଛି। ଏହାଛଡ଼ା ଏହି ଅଞ୍ଚଳରେ ୪୫ଏକର ଜମିରେ ମକା, ୧୨୫ଏକର ହରଡ଼, ୪୫୦୦ ଏକର ଜମିରେ ପନିପରିବା, ୧୧୦ଏକର ଲଙ୍କା, ୭୫ ଏକର ହଳଦୀ, ୧୦୦ ଏକର ଅଦା ଚାଷ କରାଯାଉଛି ବୋଲି କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ହେଲେ ଏସବୁ ଚାଷକୁ ନେଇ ଲକ୍ଷ୍ୟ ହାସଲ ହେବା ନେଇ ଅନିଶ୍ଚିତତା ରହିଛି । ଏହାଛଡା ଏ ଦିଗରେ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ କୌଣସି ସହାୟତା ମିଳୁନାହିଁ । ଚାଷୀ ନିଜସ୍ୱ ଉଦ୍ୟମରେ ଏସବୁ ଚାଷ କରୁଛନ୍ତି ବୋଲି ବିଭାଗ ସୂତ୍ରରୁ ଜଣାପଡିଛି। ଗତ ଫନୀ ବାତ୍ୟାରେ ପନିପରିବା ଚାଷ ବିଶେଷ ପ୍ରଭାବିତ ହୋଇଥିଲା। କ୍ଷୟକ୍ଷତିକୁ ଠିକ୍ ଭାବରେ ଆକଳନ କରିବାରେ କୃଷି ବିଭାଗ ବିଫଳ ହୋଇଛି। ଫଳରେ ଅନେକ ଚାଷୀଙ୍କୁ ଫନୀ ସହାୟତା ମିଳିବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚାଷୀ ବାରମ୍ବାର କୃଷି ବିଭାଗ ଦ୍ୱାରା ପ୍ରତାରିତ ହେଉଛି । କେତେବେଳେ ପାଣିପାଗ ତ ଆଉ କେତେବେଳେ ଦଲାଲ, ଆଭାବୀ ବିକ୍ରି, ସରକାରୀ ସହାୟତା ବାଟମାରଣା କାରଣରୁ କୃଷକର ଆୟ କମିଯାଉଛି। ଆର୍ଥିକ ଅଭାବ ଅନଟନ ମଧ୍ୟରେ ଜୀବନ ବିତାଉଥିବା ଚାଷୀ ଋଣକୁ ଭରସା କରି ବଞ୍ଚୁଛି। ଅନେକ ସମୟରେ ଋଣ ସୁଝି ନ ପାରି ଚାଷୀ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ପଛାଉ ନାହାନ୍ତି। ଅପରପକ୍ଷରେ ସରକାର କାଳିଆ ଯୋଜନା ଜରିଆରେ ଚାଷୀଙ୍କୁ ସହାୟତା ପ୍ରଦାନ ଆଳରେ କୋଟିକୋଟି ଟଙ୍କା ବରବାଦ କରୁଛନ୍ତି। କୃଷି ଓ କୃଷକର ସମସ୍ୟା ସମାଧାନ ହୋଇପାରୁ ନାହିଁ। ଚାଷୀର ବାସ୍ତବ ସମସ୍ୟାକୁ ଦୃଷ୍ଟି ଦେଇ ଯୋଜନା ପ୍ରସ୍ତୁତ ହେଲେ ଚାଷୀ ଉପକୃତ ହୋଇପାରନ୍ତା ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ରସୁଲପୁର ବ୍ଲକର ସହକାରୀ କୃଷି ଅଧିକାରୀ ଭାଗ୍ୟଧର ସାହୁଙ୍କୁ ପଚାରିବାରୁ ସ୍ୱଳ୍ପ ମିଆଦି ଧାନ ଚାଷ ଲକ୍ଷ୍ୟ ଧାର୍ଯ୍ୟ ଠାରୁ କମ୍ ହୋଇଛି । ସରକାରୀ ବିହନ ଚାଷୀଙ୍କୁ ମିଳିନାହିଁ। ଚାଷୀ ନିଜ ଉଦ୍ୟମରେ ଧାନ ବିହନ ଯୋଗାଡ଼ କରିଛି । ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷ ଧାନ ଅମଳ କମ୍ ହେବ ବୋଲି ଅନୁମାନ କରାଯାଉଛି ବୋଲି ସାହୁ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

**ଜିଲାସ୍ତରୀୟ ବୈଠକରେ ମନଗଢ଼ା ତଥ୍ୟ ପ୍ରଦାନ**



"ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ

# ଖାଦ୍ୟ ସୁରକ୍ଷା ଯୋଜନାରେ ଅନିୟମିତତା ଅଭିଯୋଗ

■ରାଶନ କାର୍ଡ ତାଲିକାରୁ ବଞ୍ଚିତ ବୃଦ୍ଧ
■ଉଚ୍ଚସ୍ତରୀୟ ତଦନ୍ତ ଦାବି

**ନୂଆଗାଁ,୩।୭(ଡି.ଏନ୍.ଏ.)**

ଦେଶର ପ୍ରତି ଗରିବଙ୍କୁ ଆହାର ଦେବା ପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଅନୁସାରେ ଚାଉଳ, ଗହମ ଆଦି ଯୋଗାଇ ଦେବାର ନିୟମ ରହିଛି। ତେବେ ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ଏହି ଯୋଜନାର ବ୍ୟତିକ୍ରମ ଦେଖିବାକୁ ମିଳୁଛି । ଜଣେ ଗରିବ ବୃଦ୍ଧଙ୍କ ନାମକୁ ରାଶନ କାର୍ଡ ହିତାଧିକାରୀ ତାଲିକାରୁ ବାଦ ଦିଆଯାଇଥିବା ନେଇ ଅଭିଯୋଗ ହୋଇଛି। ସେ ହେଉଛନ୍ତି କାପ୍ତାପଲ୍ଲୀ ପଞ୍ଚାୟତ ବାମୁରୀ ଗ୍ରାମର ଦଣ୍ଡପାଣି ଜାନୀ (୭୫)। ଏହି ବୃଦ୍ଧଙ୍କ ୨ ପୁଅଙ୍କ ନାମରେ ଥିବା ଦୁଇଟି ରାଶନ କାର୍ଡରେ ୭ ଜଣଙ୍କୁ ସାମିଲ କରାଯାଇଥିବା ବେଳେ ତାଙ୍କ ନାମକୁ ସାମିଲ କରାଯାଇନାହିଁ। ଏ ସମସ୍ୟା ନେଇ ଦଣ୍ଡପାଣି ସ୍ଥାନୀୟ



ଦଣ୍ଡପାଣି ଜାନୀ।

ସରପଞ୍ଚ, ପିଇଓଙ୍କୁ ବାରମ୍ବାର ଅଭିଯୋଗ ଓ ଅନୁରୋଧ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ସେ କହିଛନ୍ତି। କେବଳ ଦଣ୍ଡପାଣିଙ୍କ କ୍ଷେତ୍ରରେ ନୁହେଁ ବ୍ଲକରେ ଏଭଳି ଅନେକ ହିତାଧିକାରୀଙ୍କ କ୍ଷେତ୍ରରେ ଅନିୟମିତତା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ସରକାର ଦଳିତ ଓ ଆଦିବାସୀଙ୍କ ବିକାଶ ନିମନ୍ତେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି ବୋଲି ଡିଣ୍ଡିମ ପିଟୁଥିବାବେଳେ ଏହି ଆଦିବାସୀ ଅଧ୍ୟୁଷିତ ପଞ୍ଚାୟତର ଅନେକେ ଉକ୍ତ ଯୋଜନାରୁ କିଭଳି ବାଦ ପଡ଼ିଛନ୍ତି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଗରିବ ଲୋକଙ୍କ ଖାଦ୍ୟ ସୁରକ୍ଷା ନିମନ୍ତେ ସରକାର ଯେଉଁ ଯୋଜନା ପ୍ରସ୍ତୁତ କରିଛନ୍ତି ତାହା କେତେଜଣ ସରକାରୀ କର୍ମଚାରୀ ଓ ରାଜନେତାଙ୍କ ଖାମଖିଆଲ ମନୋଭାବ ଯୋଗୁ ସଫଳ ରୂପାୟନ ହୋଇପାରୁନି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ବ୍ଲକରେ ରାଶନ କାର୍ଡ ଓ ଅନ୍ତ୍ୟୋଦୟ ତାଲିକା ପ୍ରସ୍ତୁତିରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ବିଡିଓ ଓ ବିଭାଗୀୟ ଅଧିକାରୀ ଏହାକୁ ଅସ୍ୱୀକାର କରୁଥିବା ଲୋକେ କହୁଛନ୍ତି। ଏଭଳି ଅନିୟମିତତା ଘଟଣା କେବଳ କାପ୍ତାପଲ୍ଲୀ ନୁହେଁ ସମସ୍ତ ପଞ୍ଚାୟତରେ ହେଉଥିବା କୁହାଯାଉଛି। ଏପରି କି ପ୍ରକୃତ ହିତାଧିକାରୀଙ୍କୁ ତାଲିକାରୁ ବାଦ୍ ଦେଇ ଧନୀ ଲୋକଙ୍କୁ ସାମିଲ କରାଯାଇଛି। ଯୋଗାଣ ବିଭାଗ ଅଧିକାରୀ, ବିଡିଓ ଓ ଡିଲରମାନଙ୍କ ସଲାସୁତରାରେ ଜାଲିଆତି ଘଟୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଯେଉଁମାନେ ରାଶନ ସାମଗ୍ରୀ ସହଜରେ ନେଇ ପାରିବେ ନାହିଁ ସେଭଳି କିଛି ହିତାଧିକାରୀ ନାମ ତାଲିକାରେ ରହିଛି। ଫଳରେ ବଳକା ଜିନିଷ ଖୋଲା ବଜାରରେ ବିକ୍ରି କରି ଦୁର୍ନୀତିଖୋରମାନେ ଲାଭବାନ ହେଉଛନ୍ତି। ନୂଆଗାଁ ବିଡିଓ ଶିରିୟାଲ ଏସ୍ ପଟେଲଙ୍କୁ ଏ ବିଷୟରେ ପଚାରିବାରୁ ସେ କହିଥିଲେ ଯେ, ବୃଦ୍ଧଙ୍କୁ କାହିଁକି ରାଶନ କାର୍ଡ ତାଲିକାରେ ସାମିଲ କରାଯାଇ ନାହିଁ ତାହାର ଅନୁସନ୍ଧାନ କରି ତାଙ୍କୁ କିଭଳି ସାମିଲ କରାଯାଇ ପାରିବ ସେ ନେଇ ବ୍ୟବସ୍ଥା କରିବେ। କ୍ଷମତାସୀନ ଅଧିକାରୀ ଓ ନେତାଙ୍କ ପାତରଅନ୍ତର ନୀତି ଯୋଗୁ ଗରିବ ଓ ଦୁର୍ଦ୍ଦଶାଗ୍ରସ୍ତ ଲୋକେ ଖାଦ୍ୟାଭାବରୁ ଭୋକରେ ରହୁଛନ୍ତି । ତେଣୁ ପ୍ରଶାସନ ପକ୍ଷରୁ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରି ବାସ୍ତବ ହିତାଧିକାରୀଙ୍କୁ ରାଶନ କାର୍ଡ ତାଲିକାରେ ସାମିଲ କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ବିଷ ପିଇ ଜଣେ ମୃତ

**ଗଣିଆ,୩।୭(ଡି.ଏନ.ଏ.)**

ଗଣିଆ ବ୍ଲକ ଆଡ଼କଟା ପଞ୍ଚାୟତ ଜଗନ୍ନାଥପ୍ରସାଦ ଗ୍ରାମରେ ବିଷ ପିଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଫକୀର ସେଠୀ (୫୩)। ପୋଲିସଠାରୁ ମିଳିଥିବା ସୂଚନା ଅନୁସାରେ ଫକୀର ଭୁବନେଶ୍ୱରରେ ରହି ଲଣ୍ଡ୍ରି କାମ କରୁଥିଲେ। ଦୁଇ ଦିନ ତଳେ ସେ ଗ୍ରାମକୁ ଆସିଥିଲେ। ଗ୍ରାମରେ ବିଭିନ୍ନ ଲୋକଙ୍କ ଠାରୁ ଟଙ୍କା ଉଧାର ନେଇଥିବାରୁ ଏହି କଥାକୁ କେନ୍ଦ୍ର କରି ସ୍ତ୍ରୀଙ୍କ ସହିତ ତାଙ୍କର କଥା କଟା କଟି ହୋଇଥିଲା। ମଙ୍ଗଳବାର ରାତିରେ ଫକୀର ବିଷ ପାନ କରି ଥିଲେ। ବୁଧବାର ସକାଳେ ଘର ଲୋକ ଜାଣିବା ପରେ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଫକୀରଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଗଣିଆ ଥାନାରେ ୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ପୌର ପରିଷଦ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

**ନୟାଗଡ଼ ଅଫିସ,୩।୭:** ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତିଷ୍ଠା ଦିବସ ଅବସରରେ ବୁଧବାର ପୌର ପରିଷଦ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା ସ୍ଥାନୀୟ ଏନ୍ଏସି ବଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରବନ୍ଧ, ତର୍କ, ସାଧାରଣ ଜ୍ଞାନ ଓ କବିତା ଆବୃତ୍ତି ପ୍ରଭୃତି ପ୍ରତିଯୋଗିତା କରାଯାଇଥିଲା। ବକ୍ତୃତାରେ ବରିଷ୍ଠ ବିଭାଗରେ ଲିପ୍ସା ତ୍ରିପାଠୀ, କନିଷ୍ଠରେ ନଳିନୀକାନ୍ତ ସାହୁ, କବିତା ଆବୃତ୍ତି ବରିଷ୍ଠରେ ସ୍ୱାଗତିକା ସ୍ୱାଇଁ, କନିଷ୍ଠରେ ସ୍ୱୟଂଶିଖା ସାମନ୍ତରାୟ, ସାଧାରଣ ଜ୍ଞାନ ବରିଷ୍ଠରେ ଶୁଭାଶିଷ ସାହୁ, କନିଷ୍ଠରେ ବୈଭଶ୍ରୀ ପ୍ରିୟଦର୍ଶନୀ, ପ୍ରବନ୍ଧ ପ୍ରତିଯୋଗିତା ବରିଷ୍ଠ ବିଭାଗରେ କସ୍ତୁରୀ ପ୍ରଧାନ, କନିଷ୍ଠ ବିଭାଗରେ ପ୍ରୀତିପ୍ରତିଭା ଡାକୁଆ ପ୍ରଥମ ହୋଇଛନ୍ତି। କୃତୀ ପ୍ରତିଯୋଗୀମାନେ ଆସନ୍ତା ୫ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇପାରିବେ। ବିଚାରକ ଭାବେ ଖବରଦାତା ରାମକୃଷ୍ଣ ରଥ, କବି ଗୋଦାବରୀଶ ମିଶ୍ର, ଶିକ୍ଷକ ଶେଖ୍ ଅବ୍ଦୁଲ ଖାଲିକ, ଅଶୋକ ମଲ୍ଲ ଯୋଗଦେଇଥିଲେ। ପୌର ପରିଷଦ ପକ୍ଷରୁ ମିଷ୍ଟର କାଳିଆ ଓ ଗଜେନ୍ଦ୍ର କୁମାର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଏସ୍ଏମ୍ସି, ଏସ୍ଏମ୍ଡିସି ପ୍ରଶିକ୍ଷଣ ଶିବିର

**ଟାଙ୍ଗୀ(ଖୋର୍ଦ୍ଧା),୩।୭(ଡି.ଏନ୍.ଏ):** ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀଧରପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଏକ ଦିବସୀୟ ଏସ୍ଏମ୍ସି (ସ୍କୁଲ୍ ମ୍ୟାନେଜମେଣ୍ଟ କମିଟି) ଓ ଏସ୍ଏମ୍ଡିସି (ସ୍କୁଲ୍ ମ୍ୟାନେଜ୍ମେଣ୍ଟ ଆଣ୍ଡ ଡେଭଲପ୍ମେଣ୍ଟ କମିଟି)ସଭ୍ୟମାନଙ୍କର ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। କୁହୁଡି ସରପଞ୍ଚ ବିପିନ ଉଦୟସିଂ ଶିବିରକୁ ଉଦ୍‌ଘାଟନ କରିଥିବାବେଳେ ପ୍ରଧାନ ଶିକ୍ଷକ ବିଦୁଲତା ମହାରଣା, ସର୍ବେଶ୍ୱର ପାତ୍ର, ଦୀନବନ୍ଧୁ ପରିଡ଼ା, ବିଭୂତି ଭୂଷଣ ଜୁଝାରସିଂହ ଓ ତିଳୋତ୍ତମା ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଖୋର୍ଦ୍ଧା ଜିଲା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟର ବରିଷ୍ଠ ଯନ୍ତ୍ରୀ ଦେବଦତ୍ତ ମହାନ୍ତି ଓ ଟାଙ୍ଗୀ ବ୍ଲକ ଯନ୍ତ୍ରୀ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମକୁ ପରିଦର୍ଶନ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। ୯ଟି ବିଦ୍ୟାଳୟରୁ ୨୦ ଜଣ କମିଟି ସଦସ୍ୟ ଶିବିରରେ ଯୋଗଦେଇ ବିଦ୍ୟାଳୟରେ ଗୋଷ୍ଠୀ ସହଯୋଗ କମିଟି ଗଠନ ଓ କମିଟିର ଭୂମିକା ସମ୍ପର୍କରେ ସଦସ୍ୟମାନଙ୍କୁ ପ୍ରଶିକ୍ଷିତ କରିଥିଲେ। କୁହୁଡି ଜନତା ହାଇସ୍କୁଲ, କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଲକ୍ଷ୍ମୀଧରପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ତାଳଡିହ ପ୍ରାଥମିକ ବିଦ୍ୟାଳୟ, ରତନପୁର ପ୍ରାଥମିକ ବିଦ୍ୟାଳୟ, ଚୁଆଟାଙ୍ଗୀ ପ୍ରାଥମିକ ବିଦ୍ୟାଳୟ, ବଘେଇ ସାହି ପ୍ରାଥମିକ ବିଦ୍ୟାଳୟ, ବଧିସାହି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଦୀନବନ୍ଧୁପୁର ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ସଭ୍ୟମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ରଥ ପଥ ପ୍ରସ୍ତୁତ, ୪ଟାରେ ରଥଟଣା



ରଣପୁରଠାରେ ପ୍ରସ୍ତୁତ ହୋଇ ରହିଥିବା ୩ ରଥ।

**ରଣପୁର, ୩।୭ (ସ୍ୱ.ପ୍ର.)**

ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି ଗୁରୁବାର ପବିତ୍ର ଘୋଷଯାତ୍ରା। ଏଥିପାଇଁ ରଣପୁରଠାରେ ଉଭୟ ରଥ ଓ ପଥ ପ୍ରସ୍ତୁତ ହୋଇରହିଛି। ବଳଭଦ୍ର ଭାଇ କାଳିଆ ଠାକୁର, ଭଉଣୀ ସୁଭଦ୍ରାଙ୍କୁ ଧରି ମନ୍ଦିର ଛାଡି ଭକ୍ତଙ୍କ ଗହଣକୁ ଆସିବେ। ଆଉ ରଥରେ ବସି ମାଉସୀ ମା' ମନ୍ଦିରକୁ ଯିବେ। ଏଥିପାଇଁ ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ରଣପୁର ଚଳଚଞ୍ଚଳ ହୋଇଉଠିଛି। ବୁଧବାର ରଥରେ କାରିଗର ଓ ମହାରଣାମାନେ ଶେଷ ସ୍ପର୍ଶ ଦେଇଛନ୍ତି। ଚତୁର୍ଦ୍ଧାମୂର୍ତ୍ତିଙ୍କ ପାଇଁ ରଥ ପ୍ରସ୍ତୁତ ହୋଇ ରହିଛି। କେବଳ ରଥଟଣା ମୁହୂର୍ତ୍ତକୁ ଭକ୍ତଙ୍କ ଅପେକ୍ଷା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଡିଏସ୍ପିଙ୍କ ସମେତ ବିଭିନ୍ନ ଫାଣ୍ଡି ଓ ଥାନା ଅଧିକାରୀ ଓ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଗୁରୁବାର ସକାଳ ୬ଟାରେ ଅବକାଶ ବଲ୍ଲଭ, ୯ ଟାରେ ରଥ ପ୍ରତିଷ୍ଠା, ୧୧ଟା ୩୦ମି.ରେ ପହଣ୍ଡି, ୨ଟାରେ ଛେରାପହଁରା ଓ ୪ଟାରେ ରଥଟଣା ହେବ ବୋଲି ମନ୍ଦିର ପ୍ରଶାସନ ତରଫରୁ ସୂଚନା ମିଳିଛି।

## କୁହୁଡ଼ିରେ ବନ ମହୋତ୍ସବ

**ଟାଙ୍ଗୀ(ଖୋର୍ଦ୍ଧା),୩।୭(ଡି.ଏନ୍.ଏ)**

କୁହୁଡ଼ି କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ୭୦ ତମ ବନ ମହୋତ୍ସବ ସପ୍ତାହ ପାଳନ କରାଯାଇଛି । ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ଟାଙ୍ଗୀ ବନାଞ୍ଚଳ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଚାରା ରୋପଣ କରାଯାଇଛି। କୁହୁଡି କ୍ଷେତ୍ରବାସୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ନାୟକ, କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କ୍ଷେତ୍ରମୋହନ ପ୍ରଧାନ, ପ୍ରକୃତିବନ୍ଧୁ ସନ୍ତୋଷ ଚନ୍ଦ୍ର କର, ଟାଙ୍ଗୀ ବନପାଳ ମେରିନା ଗିରି, ବନରକ୍ଷୀ ବିକ୍ରମ କେଶରୀ ଜେନା, ଶିକ୍ଷୟିତ୍ରୀ ବିଶ୍ୱ କଲ୍ୟାଣୀ ପଣ୍ଡା, ସୁପ୍ରୀତି ପଟ୍ଟନାୟକ, ସୁବାସିନୀ ଦେଇ, ବାସୁଲତା ମହାପାତ୍ର, ଶିକ୍ଷକ ହେମନ୍ତ କୁମାର ଜେନା ପ୍ରମୁଖ ଔଷଧୀୟ ଓ ବିଭିନ୍ନ ଚାରା ରୋପଣ କରିଥିଲେ।

■ ସମସ୍ୟା ଭିତରେ ଓଡ଼ଗାଁ ଏନ୍ଏସି

## ସଫେଇ ହେଉନି: ସବୁଠି କୁଢ଼କୁଢ଼ ଅଳିଆ

**ଓଡ଼ଗାଁ,୩।୭(ସ୍ୱ.ପ୍ର.)**

ନୟାଗଡ ଜିଲାର ଓଡ଼ଗାଁ ଏକ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ହାସଲ କରିଥିବା ବେଳେ ଏହାର ଏନ୍ଏସି ନାନା ସମସ୍ୟା ମଧ୍ୟରେ ରହିଛି। ଏନ୍ଏସି ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଯୋଗୁ ରାସ୍ତାଘାଟ,ବଜାର ସାହି, ୱାର୍ଡ ସବୁଠି କୁଢ କୁଢ ଅଳିଆଆବର୍ଜନା ଜମି ରହୁଛି। ସବୁଠାରେ ଏକ ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି।

ଓଡ଼ଗାଁ ଏନ୍ଏସି ଘୋଷଣା ହେବାର ଦୁଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ଏଠାରେ ପୌର ନିର୍ବାଚନ ହୋଇପାରିନି । ଫଳସ୍ୱରୂପ ଜଣେ ନିର୍ବାହୀ ଅଧିକାରୀ, ଉପଜିଲାପାଳ ନୟାଗଡଙ୍କୁ ପ୍ରଶାସକ ଭାବେ ଏଠାରେ ଅବସ୍ଥାପିତ କରାଯାଇଥିବା ବେଳେ କେତେକ ହାତଗଣତି କିରାଣି ଏବଂ ଆଉ କେତେକ ଠିକା କର୍ମଚାରୀଙ୍କ ଦ୍ୱାରା ଏନ୍ଏସି ପରିଚାଳିତ ହୋଇ ଆସୁଛି। କର୍ମଚାରୀଙ୍କ ମନମୁଖି କାର୍ଯ୍ୟକଳାପ ଯୋଗୁ ଏନ୍ଏସିରେ ନାନା ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଏଠାରେ ବଜାର ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଉଠା ଦୋକାନୀଙ୍କ ପକ୍କା ଦୋକାନ ନିର୍ମାଣ, ରାସ୍ତା ଉପରେ ଜବରଦଖଲ କରି ବିଭିନ୍ନ ବ୍ୟବସାୟୀଙ୍କ ଦିନତମାମ ବ୍ୟବସାୟ, କୃଷକ ବଜାର ବିକ୍ରି ଭଳି ବିଭିନ୍ନ ସମସ୍ୟା ଦେଖା ଦେଇଛି। ସେହିପରି ବଜାର, ମନ୍ଦିର ଅଞ୍ଚଳ ସମେତ ବିଭିନ୍ନ ସାହି ୱାର୍ଡ ସଫେଇରେ ବ୍ୟାପକ ଅନିୟମିତତା ମୁଖ୍ୟ ସମସ୍ୟା ହୋଇଛି । ସଫେଇ କର୍ମଚାରୀଙ୍କ ସହିତ ବିଭାଗୀୟ ସଂଯୋଜକ କିମ୍ବା ଠିକା ସଂସ୍ଥାଙ୍କ ସୁସମ୍ପର୍କ ଅଭାବରୁ ସପ୍ତାହେ ହେଲା ଏଠାରେ ସଫେଇ କାର୍ଯ୍ୟ ବନ୍ଦ ରହିଛି। ମୁଖ୍ୟ ବଜାର, ମନ୍ଦିର ରୋଡ ସହିତ ସମସ୍ତ ସାହି ୱାର୍ଡରେ ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ବିଭିନ୍ନ ସ୍ଥାନରେ କୁଢ କୁଢ ଅଳିଆ ଆବର୍ଜନା



ରାସ୍ତା ପାର୍ଶ୍ୱରେ ଅଳିଆ।

ଜମା ହୋଇରହିଥିବା ବେଳେ ସାହି ବାସିନ୍ଦା ମଧ୍ୟ ନିଜ ଘର ଦୁଆରେ ଅଳିଆ ଜମା କରିଛନ୍ତି । ଅଳିଆ ଉଠାଇବାକୁ କେହି ନ ଆସିବା ସାଙ୍ଗକୁ ବର୍ଷା ଲାଗି ରହିଥିବାରୁ ଏକରକମ ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଏନ୍ଏସି ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କୁ ପଚାରିବାରୁ ସେ ପୌରପରିଷଦ ନିର୍ବାଚନ ହୋଇପାରୁ ନ ଥିବାରୁ ଏସବୁ ସମସ୍ୟା ଦେଖା ଦେଉଥିବା କହିଥିଲେ। ସଫେଇ କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ହିଁ ଏସବୁର ମୂଳ କାରଣ ବୋଲି ସେ ସଫେଇ ଦେଇଛନ୍ତି। ଅନ୍ୟପକ୍ଷେ କେତେକ ସଫେଇ କର୍ମଚାରୀଙ୍କୁ ପଚାରିବାରୁ ସେମାନେ କହିଥିଲେ ଦୁଇ ଜଣ ସ୍ଥାନୀୟ ଠିକା କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ଦ୍ୱାରା ବିଭିନ୍ନ ସମୟରେ ସେମାନଙ୍କୁ ଛଟେଇର ଧମକ ଦେବା ସହିତ କେତେକ ସ୍ଥାନୀୟ ଯୁବକଙ୍କୁ ଛଟେଇ କରାଯାଇଛି । ଫଳସ୍ୱରୂପ ସେମାନେ ଏକରକମ କାର୍ଯ୍ୟବନ୍ଦ କରିଥିବା ସୂଚନା ଦେଇଛନ୍ତି । ଏନେଇ ନୟାଗଡ ଉପଜିଲାପାଳ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ଖବର ସଂଗ୍ରହ ପାଇଁ ଯାଇଥିବା ଖବରଦାତାଙ୍କୁ ଅଟକ

**ହାଇସ୍କୁଲରୁ ୩ ନିଖୋଜ ଛାତ୍ର ଉଦ୍ଧାର**

**ଦଶପଲ୍ଲା,୩।୭(ଡି.ଏନ.ଏ.)**

ଦଶପଲ୍ଲା ବ୍ଲକ ଟାକେରା ସରକାରୀ ହାଇସ୍କୁଲ ଛାତ୍ରାବାସରୁ ୩ ଛାତ୍ର ନିଖୋଜ ହୋଇଯାଇଥିବା ନେଇ ପ୍ରଧାନଶିକ୍ଷକ ଥାନାରେ ଅଭିଯୋଗ କରିଥିଲେ। ପରେ ଛାତ୍ରମାନଙ୍କୁ ଉଦ୍ଧାର କରାଯାଇଛି। ଏହି ଖବର ସଂଗ୍ରହ ପାଇଁ ସ୍କୁଲକୁ ଯାଇଥିବା ୩ଜଣ ଖବରଦାତାଙ୍କୁ ସ୍କୁଲ ପକ୍ଷରୁ ଦୁର୍ବ୍ୟବହାର କରାଯିବା ସହ ଅଟକ ରଖାଯାଇଥିବା ଅଭିଯୋଗ ହୋଇଛି। ଗତ ରବିବାର ବିଦ୍ୟାଳୟରୁ ୩ ଛାତ୍ର ପଳାଇ ଯାଇଥିଲେ। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଦଶପଲ୍ଲା ଥାନାରେ ଅଭିଯୋଗ କରିଥିଲେ। ବୁଧବାର ଛାତ୍ରଙ୍କୁ ଖୋର୍ଦ୍ଧା ଜିଲା ମଳିପଡାଠାରୁ ଉଦ୍ଧାର କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଥିବା ପ୍ରଧାନଶିକ୍ଷକ ଜଣାଇଛନ୍ତି। ଅନ୍ୟପକ୍ଷେ ଛାତ୍ରଙ୍କ ନିଖୋଜ ଖବରପାଇ ଦଶପଲ୍ଲା ଅଞ୍ଚଳର ୩ଜଣ ଖବରଦାତା ଉକ୍ତ ସ୍କୁଲକୁ ଯାଇଥିଲେ। ସେମାନେ ପ୍ରଧାନ ଶିକ୍ଷକଙ୍କ ମତାମତ ନେବାକୁ ଚାହିଁବାରୁ ସ୍କୁଲର ୩ଜଣ ଶିକ୍ଷକ ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଏଥିସହ ଫାଟକ ବନ୍ଦ କରି ସେମାନଙ୍କୁ ଅଟକାଇ ରଖିଥିଲେ। ସେଠାରେ ଅନ୍ୟ ଖବରଦାତାମାନେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ଏନେଇ ସେମାନେ ଦଶପଲ୍ଲା ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନେଇ ନଥିବା କହିଛନ୍ତି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ଯଦି ପଦକ୍ଷେପ ନିଆ ନ ଯାଏ ତେବେ ସେମାନେ ଜିଲାପାଳ ଓ ଏସପି ଅଫିସ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

# ପରିବେଶ ପର୍ଯ୍ୟଟନସ୍ଥଳୀ ସୁନାମୁହିଁ ଅସୁରକ୍ଷିତ

■ ଦୁର୍ବୃତ୍ତମାନେ ଭାଙ୍ଗିଦେଲେ ମୂଲ୍ୟବାନ୍ ସାମଗ୍ରୀ

**ଖଣ୍ଡପଡା,୩।୭(ସ୍ୱ.ପ୍ର.)**

ଖଣ୍ଡପଡା ସହର ଉପକଣ୍ଠ ଖଣ୍ଡପଡା–ନୟାଗଡ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀ ଏବେ ଅସୁରକ୍ଷିତ ହୋଇପଡିଛି। ପର୍ଯ୍ୟଟକଙ୍କ ସୁବିଧା ପାଇଁ ଏଠାରେ ସିମେଣ୍ଟ ବେଞ୍ଚ, ଚୌକି ସହ ଶାରୀରିକ ବ୍ୟାୟାମ ନିମନ୍ତେ ଅନେକ ମୂଲ୍ୟବାନ ଉପକରଣ ସ୍ଥାପନ କରାଯାଇଥିଲା। ହେଲେ କେତେକ ଅସାମାଜିକ ବ୍ୟକ୍ତି ଆଡ୍ଡା ଜମାଇ ଉକ୍ତ ବେଞ୍ଚ, ଚୌକି ଓ ବାହ୍ୟ ସୁରକ୍ଷା ପ୍ରାଚୀର ଭଙ୍ଗାରୁଜା କରିଥିଲେ। ନିକଟରେ ୨ଦିନ ତଳେ ଏହା ପରିସରରେ ଥିବା ବଉଳମାଳିଆ ପଥରରେ ନିର୍ମିତ ଅଶୋକଚକ୍ରକୁ ମଧ୍ୟ କେହି ଭାଙ୍ଗିଦେଇଛନ୍ତି। ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଏହାକୁ ନେଇ ନୀରବଦ୍ରଷ୍ଟା ସାଜିଥିବାରୁ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ରାଜ୍ୟ ସରକାର ଖଣ୍ଡପଡା କ୍ଷୁଦ୍ର ଜଳସେଚନ ବିଭାଗ ମାଧ୍ୟମରେ କୋଟି କୋଟି ଟଙ୍କା ବ୍ୟୟ କରିଛନ୍ତି । ଗତ ୫ବର୍ଷ ମଧ୍ୟରେ ଏଠାରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି। ପର୍ଯ୍ୟଟକଙ୍କ ନିମନ୍ତେ ବିଭିନ୍ନ ପ୍ରକାର ଦୋଳି ଓ ଖେଳନା ସାମଗ୍ରୀ ସହ ଶାରୀରିକ ବ୍ୟାୟାମ କରିବା ପାଇଁ ମୂଲ୍ୟବାନ ଉପକରଣ ସ୍ଥାପନ କରାଯାଇଛି । ମାତ୍ର ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଅସାମାଜିକ ତଥା ନିଶାଖୋର ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ପୋଲିସ ପ୍ରଶାସନ କିମ୍ବା ଏନ୍ଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ନେବା ପରିତାପର ବିଷୟ। ଏନ୍ଏସି ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ସର୍ବୋପରି ନୟାଗଡ ଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଖଣ୍ଡପଡାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ପ୍ରତିକ୍ରିୟା ନେବାରୁ ସେ କହିଥିଲେ, ଖଣ୍ଡପଡାରେ ଏଭଳି ଏକ ପର୍ଯ୍ୟଟନସ୍ଥଳୀ ତିଆରି କରାଯାଇଥିଲା ଯେଉଁଠିକୁ ପ୍ରତ୍ୟହ ହଜାର ହଜାର ପର୍ଯ୍ୟଟକ ଆସୁଥିଲେ । କିନ୍ତୁ କେତେକ ଖଳ ପ୍ରକୃତିର ଲୋକଙ୍କ ଏପରି କାର୍ଯ୍ୟ ସେମାନଙ୍କ ମନରେ ଗଭୀର ଆଘାତ ଦେଇଛି । ଏହାର ସୁରକ୍ଷା ପାଇଁ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଥିଲା। ଏପରି କି ଏନ୍ଏସି କର୍ତ୍ତୃପକ୍ଷଙ୍କୁ ରକ୍ଷଣାବେକ୍ଷଣ ପାଇଁ ଅନୁରୋଧ କରାଯାଇଥିଲା। ଏନ୍ଏସି ପକ୍ଷରୁ ଯଦି ଏହି ଦାୟିତ୍ୱ ନିଆଯାଆନ୍ତା ତେବେ ଆଗାମୀ ଦିନରେ ଏହା ଏକ ରାଜ୍ୟସ୍ତରୀୟ ପର୍ଯ୍ୟଟନସ୍ଥଳୀରେ ପରିଣତ ହୋଇପାରନ୍ତା। ଏଠାରେ ପ୍ରାୟ ୨କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଆଉ ୩କୋଟି ଟଙ୍କା ପର୍ଯ୍ୟଟନ ବିଭାଗ ପକ୍ଷରୁ ମଞ୍ଜୁର ହୋଇରହିଛି। କିନ୍ତୁ ପ୍ରଶାସନିକ ଅବହେଳା ବିଶେଷ କରି ଏନ୍ଏସି କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏହି ପ୍ରକଳ୍ପ ନଷ୍ଟ ହେବାକୁ ବସିଛି । ଏହି ପରିପ୍ରେକ୍ଷୀରେ ଖଣ୍ଡପଡାବାସୀ ଏକାଠି ହୋଇ ଏହା ବିରୋଧରେ ସ୍ୱର ଉଠାଇବା ଜରୁରୀ ବୋଲି ପଟ୍ଟନାୟକ ମତପ୍ରକାଶ କରିଛନ୍ତି ।



ଦୁର୍ବୃତ୍ତଙ୍କ ଦ୍ୱାରା ଭଙ୍ଗା ଯାଇଥିବା ଅଶୋକ ଚକ୍ର।

■ ମହାନଦୀ ମାଳବନ୍ଧରେ ପଥର ପ୍ୟାକିଂରେ ବ୍ୟବହାର ହେଉଛି ଛୋଟ ପଥର

# ପ୍ରଥମ ବନ୍ୟାରେ ଭାସିଯିବା ଆଶଙ୍କା

**ଖଣ୍ଡପଡା,୩।୭ (ସ୍ୱ.ପ୍ର.)**

କଣ୍ଟିଲୋ ନୀଳମାଧବ ଜୀଉ ମନ୍ଦିର ପାଦଦେଶରେ ପ୍ରବାହିତ ମହାନଦୀ ଦକ୍ଷିଣପାର୍ଶ୍ୱ ମାଳବନ୍ଧ ବିଭିନ୍ନ ସମୟରେ କ୍ଷତିଗ୍ରସ୍ତ ହେଉଥିବାରୁ ଏହାର ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଉଛି। ଏଥିଲାଗି ଗତ ଜାନୁୟାରୀରୁ ପଥର ପ୍ୟାକିଂ କାମ ଆରମ୍ଭ ହୋଇଛି । ନାବାର୍ଡ ପକ୍ଷରୁ ୨.୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି କାର୍ଯ୍ୟ ଦୂରରୁ ସୁନ୍ଦର ଦିଶୁଛି। ହେଲେ ପଥର ପ୍ୟାକିଂରେ ବ୍ୟବହାର ହୋଇଥିବା ଛୋଟ ଛୋଟ ପଥର ମହାନଦୀର ପ୍ରଥମ ବନ୍ୟାରେ ଭାସିଯିବା ନେଇ ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି।

ଏହି ଅନୁଦାନ ଅର୍ଥରେ ନୀଳମାଧବ ମନ୍ଦିରର ଉତ୍ତରପାର୍ଶ୍ୱ ମହାନଦୀ କୂଳରେ ପ୍ରାୟ ୨ଶହ ମିଟର ପଥର ଲଞ୍ଚିଂ କାର୍ଯ୍ୟ ହେବା ପରେ ସିମେଣ୍ଟ ଗ୍ରାଉଟିଂ କରାଯାଇଛି। ଅପରପକ୍ଷରେ ମନ୍ଦିର ପଶ୍ଚିମପାର୍ଶ୍ୱ ମହାନଦୀ କୂଳ ଓ ଘାଟର ପ୍ରାୟ ୨୧୦ ମିଟର ଡମ୍ପିଂ, ଲଞ୍ଚିଂ ହେବା ପରେ ପଥର ମଧ୍ୟରେ ରହିଥିବା ବଡ ବଡ ଗର୍ତ୍ତକୁ ଛୋଟ ଛୋଟ ପଥର ଦ୍ୱାରା ଭରି କରାଯାଇଛି । କିନ୍ତୁ ଏହି କାର୍ଯ୍ୟର ଉପରିଭାଗକୁ ସିମେଣ୍ଟ ଗ୍ରାଉଟିଂ କରାଯାଇ ନାହିଁ। ଫଳରେ ମହାନଦୀର ବନ୍ୟା ସ୍ରୋତରେ ଭାସିଯିବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ । ସୂଚନାଯୋଗ୍ୟ ଯେ, ମହାନଦୀ ତଟବର୍ତ୍ତୀ ବ୍ରହ୍ମାଦ୍ରୀ ପାହାଡ ଉପରେ ଶ୍ରୀନୀଳମାଧବ ଜୀଉଙ୍କ ମନ୍ଦିର ଅବସ୍ଥିତ। ମହାନଦୀର ପ୍ରଖର ସ୍ରୋତ ସିଧାସଳଖ ଏହି ପାହାଡରେ ମାଡ଼ ହୋଇ ବିଭିନ୍ନ ସମୟରେ ସ୍ରୋତ ଜନିତ ମୃତ୍ତିକା କ୍ଷୟ ହୋଇ ପଥର ଖସିଥାଏ। ନଦୀ ସ୍ରୋତରେ ବଡ ବଡ ପଥର ଖସି ଯାଇଥାଏ। ଏହି ଦୃଷ୍ଟିରୁ ସିମେଣ୍ଟ ଗ୍ରାଉଟିଂ ହୋଇ ନ ଥିବାରୁ ଛୋଟ ଛୋଟ ପଥର ନିଶ୍ଚିତ ଭାସିଯିବ ବୋଲି ସ୍ଥାନୀୟ ଅଧିବାସୀ ଅଭିଯୋଗ କରୁଛନ୍ତି । କାର୍ଯ୍ୟ ଆରମ୍ଭରୁ ଏପରି ନିମ୍ନମାନର କାର୍ଯ୍ୟ ସମ୍ପର୍କରେ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଜଣାଯାଇଛି । ଅପରପକ୍ଷରେ ଏହି କାର୍ଯ୍ୟ ଚାଲିଥିବା ବେଳେ ଜଳସମ୍ପଦ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ବିଭିନ୍ନ ସମୟରେ ପରିଦର୍ଶନ କରି ସିମେଣ୍ଟ ଗ୍ରାଉଟିଂ କରିବା ସମ୍ପର୍କରେ ଅନୁକୂଳ ମତ ପ୍ରଦାନ କରିଥିଲେ। ଏହାସହ ନଦୀ ଘାଟକୁ ଯିବା ରାସ୍ତାରେ ଆବଶ୍ୟକ ପଥର କାର୍ଯ୍ୟ କରି କିପରି ସୁବିଧାରେ ପର୍ଯ୍ୟଟକ, ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଯାଇପାରିବେ ସେପରି କାର୍ଯ୍ୟ କରିବାକୁ କାର୍ଯ୍ୟନିର୍ବାହୀଙ୍କୁ ପରାମର୍ଶ ଦେଇଥିଲେ। ହେଲେ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଏ ଦିଗରେ ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ଶଙ୍କର ଦଳେଇଙ୍କୁ ପଚାରିବାରୁ ସେ କହିଥିଲେ, ମହାନଦୀର ବନ୍ୟା ଆସିବା ପରେ ଉକ୍ତ ପଥର କାର୍ଯ୍ୟର ଅବସ୍ଥା କିପରି ରହୁଛି, କ୍ଷୟକ୍ଷତି ହେଉଛି କି ନାହିଁ ତାହା ଲକ୍ଷ୍ୟ କରିବା ପରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ। ସେହିପରି ନଦୀଘାଟକୁ ଯିବା ରାସ୍ତାର ଆବଶ୍ୟକ କାର୍ଯ୍ୟ ସମ୍ପାଦନ କରିବାକୁ ସମ୍ପୃକ୍ତ କାର୍ଯ୍ୟନିର୍ବାହୀଙ୍କୁ କୁହାଯାଇଛି ବୋଲି ଦଳେଇ ପ୍ରକାଶ କରିଛନ୍ତି। ଦୀର୍ଘବର୍ଷରୁ ଉକ୍ତ ମାଳବନ୍ଧ ତଥା ନଦୀକୂଳର ସୁରକ୍ଷା ସହିତ ପର୍ଯ୍ୟଟକମାନଙ୍କ ମହାନଦୀରେ ସୁରକ୍ଷିତ ସ୍ନାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି ହୋଇଆସୁଥିଲା।



ବଡ଼ ପଥର ମଝିରେ ଛୋଟ ପଥର ଦିଆଯାଇ ପ୍ୟାକିଂ କରାଯାଇଛି।